୬ ଚେନ୍ନାଇକୁ ୪ ୱିକେଟରେ ହରାଇଲା ପଞ୍ଜାବ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୯୩ ● ୧ ମଇ ୨୦୨୫, ଗୁରୁବାର ● ଭୁବନେଶ୍ୱର ● Vol -32 ● Issue-93 ● 1st May 2025, Thursday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ

# ସିଏମ୍ କିଷାନ ସହାୟତା ରାଶି ପାଇଲେ ୫୧ ଲକ୍ଷ ଚାଷୀ



**ଭୁବନେଶ୍ୱର, ୩୦ /୦୪**
**ନ୍ୟୁଜ ବ୍ୟୁରୋ**

ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ଯଥା-ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଫସଲ ବିବିଧିକରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରାଯାଇ ଚାଷୀ ମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମାରୋହ ଅବସରରେ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସି.ଏମ୍ କିଷାନ ଯୋଜନାରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ସମୁଦାୟ ୫୧ ଲକ୍ଷ ଚାଷୀ ଏହି ସହାୟତା ରାଶି ପାଇଲେ। ଏଥିରେ ସହରାଞ୍ଚଳର ୨୫,୫୩୨ ଜଣ ଚାଷୀ ପ୍ରଥମ ଥର ପାଇଁ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଗୁଆ ସହାୟତା ପ୍ରଦାନ କରାଯାଉଥିବା ଯୋଗୁ ଏହି ରାଶି ରାଜ୍ୟର ଚାଷୀ ଭାଇମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ସ୍ୱାଧୀନତା ସମୟରେ ଆମ ଦେଶର ପ୍ରାୟ ୩୩ କୋଟି ଜନତାଙ୍କୁ ଆମେ ଖାଦ୍ୟ ଦେବାରେ ଅସମର୍ଥ ଥିଲୁ। କିନ୍ତୁ ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ ମଧ୍ୟ କରୁଛି। ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର। ୨୦୧୪ ମସିହା ପରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବା ପରଠୁ ଦେଶରେ କୃଷି ଓ କୃଷକ କଲ୍ୟାଣକୁ ଏକ ନୂତନ ଦଶା ଓ ଦିଶା ମିଳିଛି। ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନିଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ ପ୍ରଭୃତି କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି। ସେ ପୁଣି କହିଥିଲେ, ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ରାଜ୍ୟର ମୋଟ ଅଭିବୃଦ୍ଧିର ୨୨ ପ୍ରତିଶତ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରୁ ଆସିଥାଏ। ଚାଷ ସହିତ ନିଜର ଅନୁଭୂତି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଚାଷ କାର୍ଯ୍ୟ କଠିନ ପରିଶ୍ରମର କାର୍ଯ୍ୟ। ଶସ୍ୟ ନିଅଣ୍ଟିଆ ରାଜ୍ୟରୁ ଶସ୍ୟ ବଳକା ରାଜ୍ୟରେ ପରିଣତ କରିଥିବାରୁ *(ପୃଷ୍ଠା ୭ରେ)*

# ପବିତ୍ର ଅକ୍ଷୟ ତୃତୀୟା : ଆଜ୍ଞାମାଳ ମିଳିବା ପରେ ରଥ ନିର୍ମାଣ ଅନୁକୂଳ

**ଭୁବନେଶ୍ୱର, ୩୦/୪**
**ନ୍ୟୁଜ ବ୍ୟୁରୋ**



ଶ୍ରୀକ୍ଷେତ୍ରରେ ମହା ଆଡ଼ମ୍ବରରେ ରଥ ନିର୍ମାଣ ଅନୁକୂଳ ସମ୍ପାଦିତ ହୋଇଛି । ବୈଶାଖ ଶୁକ୍ଳ ତୃତୀୟା ଅର୍ଥାତ୍ ପବିତ୍ର ଅକ୍ଷୟ ତୃତୀୟାରେ ଶ୍ରୀମନ୍ଦିର ବିଧି ମୁତାବକ ରଥ କାର୍ଯ୍ୟ ପାଇଁ ଆନୁଷ୍ଠାନିକ ଭାବେ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଛି । ସନାତନ ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଜାଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଛନ୍ତି। ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଗୋଟିଏ ଧଉରା କାଠ ଗଣ୍ଡିରେ ସୁବର୍ଣ୍ଣ କୁରାଢିର ସ୍ପର୍ଶ କରାଯାଇଥିଲା। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଓ ଚନ୍ଦନକାଠ ସହ ପଟୁଆରରେ ରଥଖଳାକୁ ଆଗମନ ହୋଇଥିଲା । ଶ୍ରୀମନ୍ଦିର ବିଧି ମୁତାବକ ତିନିଜଣ ପୂଜାପଣ୍ଡା ଏହି ଆଜ୍ଞାମାଳ ନେଇ ଆସିଥିଲେ । ତିନୋଟି ରଥ ପାଇଁ ତିନୋଟି ଆଜ୍ଞାମାଳ ବିଜେ ହୋଇଥିଲା। ଶ୍ରୀମନ୍ଦିର ସମ୍ମୁଖ ରଥଖଳାରେ ମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣଗଣ ବନଜାଗ ପଦ୍ଧତିରେ ପୂଜା ସମ୍ପାଦନା କରିବାର ବିଧି ପାଳନ କରାଯାଇଥିଲା। ପରେ ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢିବନ୍ଧା ନୀତି ପାଳିତ ହୋଇଥିଲା। ବିଧିବଦ୍ଧ ପୂଜାର୍ଚ୍ଚନା ସାରି ବିଶ୍ୱକର୍ମା ସେବକ ଶାଢ଼ି ବନ୍ଧାଇ ସ୍ୱତନ୍ତ୍ର କୁରାଢ଼ିରେ ରଥ ନିର୍ମାଣ କାମ ଅନୁକୂଳ କରିଥିଲେ। ଗୁରୁବାର ଠାରୁ ଶ୍ରୀନହର ସମ୍ମୁଖ ଛାମୁଣ୍ଡିଆ ତଳେ ପବିତ୍ର ଘୋଷଯାତ୍ରା ପାଇଁ ୩ ରଥର ନିର୍ମାଣ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଚକ ପାଇଁ ମହାରଣା ସେବାୟତ ତୁମ୍ବ ନିର୍ମାଣ କରିବେ। ଏହି ପବିତ୍ର ଅବସରରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ପୁରୀ ଜିଲ୍ଲାପାଳ, ଏସପିଙ୍କ ସମେତ ଛତିଶାନିଯୋଗ ମହାନାୟକ, ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଶୁଭେଚ୍ଛା

ଶ୍ରମିକ ଦିବସ ଅବସରରେ 'ସମ୍ବାଦ କଳିକା'ର ପାଠକ-ପାଠିକା, ଶୁଭେଚ୍ଛୁ ଓ ବିଜ୍ଞାପନଦାତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

**ପରିଚାଳକ**

## ଛୁଟି ଘୋଷଣା

ଶ୍ରମିକ ଦିବସ ଅବସରରେ 'ସମ୍ବାଦ କଳିକା'ର କାର୍ଯ୍ୟାଳୟ ତା ୧.୫.୨୦୨୫ ରିଖ (ଗୁରୁବାର)ଦିନ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ତା. ୨.୫.୨୦୨୫ରିଖ ସନ୍ଧ୍ୟାରେ ପ୍ରକାଶ ପାଇବ ।


**ପରିଚାଳକ**

# ଜାତିଭିତ୍ତିକ ଜନଗଣନାକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ

**ନୂଆଦିଲ୍ଲୀ, ୩୦/୪**

ଆଗାମୀ ଜନଗଣନା ପ୍ରକ୍ରିୟାରେ ଜାତିଗଣନାକୁ ଅନ୍ତର୍ଭୁକ୍ତ କରିବାକୁ ବୁଧବାର କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଏ ନେଇ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ କେତେକ ରାଜ୍ୟ ଏହା ଭଲ ଭାବେ କରିଥିବା ବେଳେ ଆଉ କେତେକ ରାଜ୍ୟ କେବଳ ରାଜନୈତିକ ଦୃଷ୍ଟିକୋଣରୁ ଏବଂ ଅଣସ୍ୱଚ୍ଛ ଢଙ୍ଗରେ ଏଭଳି ସର୍ଭେ କରିଛନ୍ତି। ଏଭଳି ସର୍ଭେ ସମାଜରେ ସନ୍ଦେହ ସୃଷ୍ଟି କରିଛି ବୋଲି ସେ କହିଛନ୍ତି। ଏହି ସବୁ ତଥ୍ୟକୁ ଦୃଷ୍ଟିରେ ରଖି ଏବଂ ଦେଶର ସାମାଜିକ ଢାଞ୍ଚା ଯେପରି ରାଜନୈତିକଦ୍ୱାରା ବ୍ୟାହତ ନ ହୁଏ, ସେଥିପାଇଁ ସର୍ବେକ୍ଷଣ ପରିବର୍ତ୍ତେ ଜନଗଣନାରେ ଜାତିଗଣନାକୁ ସ୍ୱଚ୍ଛ ଭାବେ ଅନ୍ତର୍ଭୁକ୍ତ କରାଯିବା ଉଚିତ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି। ଦେଶ ପ୍ରଗତି ଜାରି ରଖିଥିବା ବେଳେ ଏହା ସମାଜର ସାମାଜିକ ଓ ଅର୍ଥନୈତିକ ଢାଞ୍ଚାକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସମାଜର କୌଣସି ବର୍ଗରେ ଚାପ ସୃଷ୍ଟି ନକରି ଆର୍ଥିକ ଦୁର୍ବଳ ବର୍ଗଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପ୍ରଣୟନ କରିଥିବା ବେଳେ ଏହି ପଦକ୍ଷେପ ଦର୍ଶାଉଛି ଯେ ନରେନ୍ଦ୍ର ମୋଦି ସରକାର ସମାଜ ଓ ଦେଶର ମୂଲ୍ୟବୋଧ ଓ ସ୍ୱାର୍ଥ ପ୍ରତି ପ୍ରତିଶ୍ରୁତିବଦ୍ଧ। ବିରୋଧୀ କଂଗ୍ରେସକୁ ଟାର୍ଗେଟ କରି ଶ୍ରୀ ବୈଷ୍ଣବ କହିଛନ୍ତି, ବିରୋଧୀ ଦଳ *(ପୃଷ୍ଠା ୭ରେ)*

# ସୀମା ଉଲଂଘନ ନ କରିବାକୁ ପାକିସ୍ତାନକୁ କଡ଼ା ଚେତାବନୀ ଦେଲା ଭାରତ



**ନୂଆଦିଲ୍ଲୀ, ୩୦/୪**

ପାକିସ୍ତାନକୁ ନିୟନ୍ତ୍ରଣ ରେଖା (ଏଲଓସି) ଏବଂ ଅନ୍ତର୍ଜାତୀୟ ସୀମାରେ କରୁଥିବା ଅସ୍ତ୍ରବିରତି ଉଲ୍ଲଂଘନକୁ ତୁରନ୍ତ ବନ୍ଦ କରିବାକୁ ଭାରତ କଡ଼ା ଚେତାବନୀ ଦେଇଛି। ଇତି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି, ରାଜନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ କମିଟି ଏବଂ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକ ଶେଷ କରିଛନ୍ତି। ଏହା ପୂର୍ବରୁ ୩ ସେନାବାହିନୀର ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା ବୈଠକ କରିସାରିଛନ୍ତି। ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଚରମ ସୀମାରେ ପହଞ୍ଚିଛି। ଏହାର ପ୍ରଭାବ ସୀମାରେ ମଧ୍ୟ ପଡିଛି। ଉଭୟ ଦେଶର ସେନା ହାଇ ଆଲର୍ଟରେ ଥିବା ବେଳେ ନିଜର ଅସଲ ରଙ୍ଗ ଦେଖାଉଛି ପାକିସ୍ତାନ। ପାକିସ୍ତାନ ପଟୁ ବାରମ୍ବାର ଅସ୍ତ୍ରବିରତି ଉଲ୍ଲଙ୍ଘନ ବଢିବାରେ ଲାଗିଛି। ପାକିସ୍ତାନୀ ସେନା ଭାରତ ସୀମାକୁ ଲକ୍ଷ୍ୟ କରି ଫାଙ୍କା *(ପୃଷ୍ଠା ୭ରେ)*




## ମଇ ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ସହିତ ଏକ ବିକଶିତ ଓଡ଼ିଶା–ବିକଶିତ ଭାରତ ଗଠନ ଦିଗରେ ଅବଦାନ ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)

DADLS-19



## ଶ୍ରମିକ ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ଓଡ଼ିଶାର ଶ୍ରମିକ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ଶ୍ରମ ହିଁ ସମୃଦ୍ଧିର ମୂଳଭିତ୍ତି । ଶ୍ରମିକ ସମାଜର ସର୍ବାଙ୍ଗୀନ ଉନ୍ନତି, କଲ୍ୟାଣ ତଥା ଅଧିକାରର ସୁରକ୍ଷା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଆସନ୍ତୁ, ସମସ୍ତ ବର୍ଗର ଶ୍ରମିକ ମାନଙ୍କ କଲ୍ୟାଣ ନିମନ୍ତେ ଆମର ଉଦ୍ୟମ ଜାରି ରଖିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0622/2526





# ରସୁଲପୁର ବ୍ଲକ୍ ଅଧିନରେ ଚାଲିଛି ମାଟି ଲୁଟେରାଙ୍କ ରାଜ୍

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଦିନକୁ ଦିନ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଦିନ ରାତି ଏକ କରି ସରକାରୀ ତହବିଲରୁ ବାଲି ଓ ମାଟି ଲୁଟ୍ ବଢ଼ିବଢ଼ି ଚାଲିଛି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି। ଅସାମାଜିକ ମାଫିଆଙ୍କ ବିରୋଧରେ ଅଭିଯୋଗ କରିବାକୁ ସାଧାରଣ ଲୋକଙ୍କ ଜୁ ପାଉ ନାହିଁ। ଘେରି ବନ୍ଧ ଆଳରେ ମାଫିଆମାନେ ଲକ୍ଷ ଲକ୍ଷ ଟଙ୍କା ଲୁଟ୍ କରୁଥିବା ବେଳେ ମାଫିଆମାନେ ସ୍ଥାନୀୟ ରାଜନେତା, ସରକାରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସୀ କରି ଖୁଲମଖୁଲା ଜେସିବି ଓ ଟ୍ରାକ୍ଟର ଲଗାଇ ହରିଲୁଟ୍ କରି ଚାଲିଛନ୍ତି। ଅନ୍ୟପକ୍ଷରେ ଜନସାଧାରଣଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ଥିବା ନଦୀ ବନ୍ଧ ରାସ୍ତା ସହ ଗ୍ରାମାଞ୍ଚଳ କଂକ୍ରିଟ ରାସ୍ତା ଦୁର୍ବଳ ହେବାରେ ଲାଗିଛି। ଏଭଳି ଘଟଣା ଦେଖିବାକୁ ମିଳିଛି ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ ସାମନ୍ତରାପୁର ରାଜସ୍ୱ କାର୍ଯ୍ୟାଳୟ ଅଧିନରେ ଥିବା ରାଉତରାପୁର ଅଞ୍ଚଳରେ। ଘେରି ବନ୍ଧ ମରାମତିରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାଫିଆଙ୍କ ନିକଟରେ ଜାରକା ଜଳସେଚନ ବିଭାଗ ହାଟ ଟେକି ଦେଇଛି।

ରସୁଲପୁର ବ୍ଲକ ରାଉତରାପୁର ପଞ୍ଚାୟତ ଜାରକା ଜଳସେଚନ ବିଭାଗସ୍ଥ ବ୍ରାହ୍ମଣୀ ନଦୀ କୂଳରେ ଘେରି ଦୁର୍ବଳ ହେବା ସହ ନଦୀ କୂଳିଆ ଲୋକେ ଭୟଭିତ ହୋଇପଡିଥିଲେ। ଏନେଇ ପଞ୍ଚାୟତବାସୀ ପୂର୍ବ ସରକାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଫାଇଭ-ଟି ଯୋଜନାରେ ପାଖାପାଖି ୨ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ତେବେ ଏହି ଘେରି ବନ୍ଧରେ ମହାଦୁର୍ନୀତି ହୋଇଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତବାକ, ଘେରି ବନ୍ଧ ମରାମତି ପାଇଁ ଯେଉଁ ସରକାରୀ ନିୟମ ରହିଛି ତାହାକୁ ଅଣଦେଖା କରାଯାଉଛି। ବିନା ସୂଚନା ଫଳକରେ କାମ ଚାଲିଥିବା ବେଳେ ବନ୍ଧ କାମ ବାଲି ମିଶା ମାଟିରେ କାମ ଚାଲିଛି। ସରକାରୀ ନିୟମ ଅନୁଯାୟୀ ଯେଉଁ ସ୍ଥାନରୁ ମାଟି ଆଣିବା ପାଇଁ ଜମି ଚିହ୍ନଟ ହୋଇଥିଲା ସେହି ସ୍ଥାନରୁ ମାଟି ନ ଆଣି ନିକଟରୁ ବ୍ରାହ୍ମଣୀ ନଦୀ କୂଳ, ଅନାବାଦି ଗୋଚର ଜମିରୁ ମାଟି ଆଣୁଛନ୍ତି। ଏପରିକି ନଦୀ ବନ୍ଧ କଡ଼ରେ ବିରାଟ ବିରାଟ ଗାଡ ସୃଷ୍ଟି ହୋଇ ମୁଖ୍ୟ ନଦୀ ବନ୍ଧ ଦୁର୍ବଳ ହେବାରେ ଲାଗିଛି ଏବଂ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିବା ନିୟମ ରହିଥିବା ବେଳେ ବିଭାଗୀୟ କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି। ଅନ୍ୟପକ୍ଷରେ ଠିକାଦାର ଦିନ ରାତି ଏକ କରି ଜେସିବି ଟ୍ରାକ୍ଟର ଲଗାଇ ବାଲି ମାଟି ଘେରି ବନ୍ଧ ଆଳରେ ଅନ୍ୟ ସ୍ଥାନକୁ ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଫଳରେ ସରକାରଙ୍କ ରାଜସ୍ୱ ହାନି ହେଉଛି। ବାଲି ମିଶା ମାଟିରେ ଘେରି ବନ୍ଧ ମରାମତି ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାମନ୍ତରାପୁର ରାଜସ୍ୱ କାର୍ଯ୍ୟାଳୟ ନିକଟରୁ ଏହା ଚାଲାଣ ହେଉଥିବା ବେଳେ କର୍ମଚାରୀ କିପରି ଜାଣିପାରୁ ନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ଜାରକା ଜଳସେଚନ ବିଭାଗ ଅଧିକାରୀ ଓ ରସୁଲପୁର ତହସିଲଦାରଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ଏନେଇ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ଜାରକା ଜଳସେଚନ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଏହି ଘଟଣାରେ ମୁହଁ ଖୋଲି ନ ଥିଲେ। ଯାହାକି ମାଫିଆ ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## କେନ୍ଦ୍ରାପଡ଼ାରେ ଜଳ କଷ୍ଟ

# ୧୦ ହଜାର ନଳକୂପରୁ ବାହାରୁଛି ଲୁଣିପାଣି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାରେ ୭ ନଦୀ ପ୍ରବାହିତ ହେଉଥିବା ସତ୍ତ୍ୱେ ଏଠାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା ହୋଇରହିଛି। କାରଣ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ୍, ଶିଳ୍ପ, କ୍ଷେତ ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏଥିଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଅନ୍ୟପକ୍ଷରେ ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ହୋଇ ଥିବାରୁ ଭୂତଳ ଜଳ ଲୁଣି ହୋଇଯାଇଛି। ଗୋଟିଏ ନଳକୂପ ଖୋଳିଲେ ଅନ୍ୟୂନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସେଥିରୁ ଲୁଣି ପାଣି ବାହାରୁଛି।

ଜିଲ୍ଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇପାରୁ ନ ଥିବାରୁ ପାନୀୟ ଜଳ ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲ୍ଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ପ୍ରତି ନଳକୂପରେ ସକିଂ ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳ ଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲ୍ଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି ବୋଲି ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି।

ଅପରପକ୍ଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଜିଲ୍ଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରିଲାନାହିଁ। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଉଠାଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡା ଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଯାଇଛି। ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ନିକଟରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବୈଠକ ହୋଇଥିଲା। ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତଙ୍କ ଘରେ ପାନୀୟ ଜଳ ପାଇପ ମାଧ୍ୟମରେ ପହଞ୍ଚିବ ବୋଲି ସେ କହିଛନ୍ତି।

# କାନପୁର ନଦୀବନ୍ଧ ପ୍ରକଳ୍ପର ସ୍ଲୁଇସ୍ ଗେଟ୍ ବନ୍ଦ
## ବୈତରଣୀ ନଦୀ ତଳ ମୁଣ୍ଡରେ ଜଳସଙ୍କଟ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ଉପଖଣ୍ଡସ୍ଥ ବାସୁଦେବପୁର ଠାରେ ନିର୍ମାଣାଧୀନ କାନପୁର ବୃହତ୍ ନଦୀବନ୍ଧ ପ୍ରକଳ୍ପର ମୁଖ୍ୟ ଗେଟ୍ ନିର୍ମାଣ ପାଇଁ ସ୍ଲୁଇସ ଗେଟ୍ ବନ୍ଦ୍ କରାଯିବା ଯୋଗୁ ବୈତରଣୀ ନଦୀରେ ଜଳ ପ୍ରବାହରେ ବାଧା ସୃଷ୍ଟି ହୋଇଛି। ନଦୀର ତଳ ମୁଣ୍ଡରେ ଜଳସଙ୍କଟ ଦେଖାଯିବା ସହ ଉଠା ଜଳସେଚନ ପ୍ରକଳ୍ପରେ ହୋଇଥିବା ଖରାଟିଆ ଧାନ ଚାଷ ପ୍ରଭାବିତ ହୋଇଛି। ପାଣି ଅଭାବରୁ ଚାଷ ଉଜୁଡ଼ିବା ଆଶଙ୍କା କରି ଚାଷୀମାନେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ଦ୍ୱାରସ୍ଥ ହେବା ସହ ପାଣି ଯୋଗାଇଦେବାକୁ ନିବେଦନ କରିଥିଲେ। ଉପଜିଲ୍ଲାପାଳ କୃଷି ବିଭାଗ ଅଧିକାରୀମାନଙ୍କ ସହ ଘଟଣା ସ୍ଥଳରେ ପହଞ୍ଚି ଚାଷ ଓ ନଦୀର ଜଳସ୍ତର ସ୍ଥିତି ଅନୁଧାନ କରିଥିଲେ। ଖୁବ୍‌ଶୀଘ୍ର ପ୍ରକଳ୍ପ ପକ୍ଷରୁ ପମ୍ପିଙ୍ଗ ମାଧ୍ୟମରେ ଜଳ ଯୋଗାଇ ଦେବାକୁ ଉଚ୍ଚ ଅଧିକାରୀଙ୍କୁ ନିବେଦନ କରିବେ ବୋଲି ଉପଜିଲ୍ଲାପାଳ ଚାଷୀମାନଙ୍କୁ ଆଶ୍ୱାସନା ଦେଇଥିଲେ। ସୂଚନା ଯୋଗ୍ୟକି ପାଣି ଅଭାବ ଜନିତ କାରଣରୁ ଉକ୍ତ ନଦୀରେ ଉଠା ଜଳସେଚନ ପକ୍ଷରୁ ଦିଆଯାଇଥିବା ଜଳ ପ୍ରକଳ୍ପଗୁଡିକ ଅଚଳ ହୋଇପଡିଥିବା ବେଳେ ଖରାଟିଆ ଧାନ ଚାଷ କରିଥିବା ଚାଷୀଙ୍କ ମଧ୍ୟରେ ଭାଳେଣି ପଡିଯାଇଛି। ପାଣି ନପାଇଲେ ଚମ୍ପୁଆ ବ୍ଲକ୍‌ର କୁଦାପି, କୁଟାରି ପଶି, କଙ୍କଡ଼ାପାଟ, ଅଡଙ୍ଗାପାଳ, ଜଗନ୍ନାଥପୁର, ସାତହଳିଆ, ମଙ୍ଗଳପୁର, ଗୋଧୂଳି ଆଦି ଗ୍ରାମରେ ଏକର ଏକର ଧାନ ଚାଷ ନଷ୍ଟ ହେବାର ସମ୍ଭାବନା ଦେଖାଦେଇଛି। ଖରାଟିଆ ଢିପ ଧାନ ବିଲ ଫାଟିବା ଆରମ୍ଭ କରିଥିବା ବେଳେ ଖାଲୁଆ ଜମିରେ ଧାନ ଫୁଲ ଫୁଟିବା ଆରମ୍ଭ କଲାଣି। ଏହି ସମୟରେ ପ୍ରକଳ୍ପ ପକ୍ଷରୁ କୌଣସି ପୂର୍ବ ସୂଚନା ଦିଆନଯାଇ ପାଣିବନ୍ଦ କରାଯିବାକୁ ଚାଷୀମାନେ ବିରୋଧ କରିବା ସହ ଚାଷ କାମ ସରିବା ପର୍ଯ୍ୟନ୍ତ ନଦୀରେ ପାଣି ଛାଡିବାକୁ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ। ଉପଜିଲ୍ଲାପାଳଙ୍କ ସହିତ ଚମ୍ପୁଆ ବ୍ଲକ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ କୃଷି ଅଧିକାରୀ ରମାମଣି ସାହୁ, ଓଭରସିଓର ଅଜିତ ସେଠୀ ଉପସ୍ଥିତ ଥିଲେ।

# ଓଡ଼ିଶାକୁ ଏକ ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ପାରଳା ମହାରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ ତଥା ଉତ୍କଳ ମାଟିର ଅଗ୍ରଣୀୟ ବରପୁତ୍ର କୃଷ୍ଣଚନ୍ଦ୍ର ଗଜପତିଙ୍କ ତ୍ୟାଗ, ତିତିକ୍ଷା ଓ ପ୍ରତିବଦ୍ଧତାକୁ ସ୍ମରଣ କରିବା ସହିତ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ସମାରୋହରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତପନ କୁମାର ପତ୍ରି, ପଟ୍ଟାମୁଣ୍ଡାଇ କଲେଜର ଅବସରପ୍ରାପ୍ତ ଅଧକ୍ଷ ଡଃ. ନୀଳମଣି ଲେଙ୍କା, ଗବେଷକ ଡଃ. ବାସୁଦେବ ଦାସ, ନିରଞ୍ଜନ ମେକାପ, ଡଃ. ବିରଜା ପ୍ରସାଦ ରାଉତରାୟ, ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ବିଦ୍ୟାଧର ମୁଦୁଲି ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକ ଭାଷା ଭିତ୍ତିକ ରାଜ୍ୟ ଗଠନ ପାଇଁ ପାରଳା ମହାରାଜା ୧୯୩୦ ମସିହା ନଭେମ୍ବର ୧୨ ତାରିଖ ଠାରୁ ୧୯୩୧ ମସିହା ଜାନୁଆରୀ ୧୯ ତାରିଖ ପର୍ଯ୍ୟନ୍ତ ଲଣ୍ଡନ ଠାରେ ପ୍ରଥମ ଗୋଲ୍ ଟେବୁଲ୍ ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମନ୍ତେ ଦାବି ଉପସ୍ଥାପନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ମାନ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଉପଖଣ୍ଡ ଲୋକସଂପର୍କ ଅଧିକାରୀ ଅଶୋକ ବଳିୟାର ସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଅଧିକାରୀ ତ୍ରିଭୁବନ ଜୟସିଂ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସଂପାଦିତ ହୋଇଥିଲା।

# ୫୮ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନନ୍ୟା ଦାସ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୮ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୫୦ ଗୋଟି ଗ୍ରହଣ କରାଯାଇଥିବା ବେଳେ ୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଗୋଟିଏ ଦରଖାସ୍ତ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ସହାୟତା ନିମନ୍ତେ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ ଚିନ୍ମୟ ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ଉପ ଜିଲ୍ଲାପାଳ ବୀରମହାରାଜପୁର ଲଲାଟେନ୍ଦୁ ସି ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍ ସ୍ତରୀୟ ଅଧିକାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ବିଶୃଙ୍ଖଳା ଆଚରଣ ପାଇଁ ୧୦୦ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ବୁର୍ଲା, ନ୍ୟୁଜ୍‌ବ୍ୟୁରୋ**

କ୍ୟାମ୍ପସରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଶୃଙ୍ଖଳା ଆଚରଣକାରୀ ଛାତ୍ରଙ୍କ ବିରୋଧରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କ୍ୟାମ୍ପସରେ ବିଶୃଙ୍ଖଳା ଆଚରଣ କରୁଥିବା ଅଭିଯୋଗରେ ୧୦୦ଜଣ ଛାତ୍ରଙ୍କ ବିରୋଧରେ ଭିସୁଟ କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ଶୃଙ୍ଖଳା କମିଟି ଦ୍ୱାରା ବ୍ୟକ୍ତିଗତ ମାମଲାଗୁଡ଼ିକର ସମୀକ୍ଷା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାୟ ୧୦୦ ଜଣ ଛାତ୍ରଙ୍କୁ ବିଭିନ୍ନ ପ୍ରକାରର ଅସଦାଚରଣ, ନିମ୍ନ ଉପସ୍ଥାନ ଏବଂ ବିଶ୍ୱବିଦ୍ୟାଳୟ ନିୟମ ଉଲ୍ଲଂଘନ ପାଇଁ ଦଣ୍ଡିତ କରାଯାଇଛି। ଏହାସହିତ ସେମାନଙ୍କ ଠାରୁ ୧୦୦୦ଟଙ୍କାରୁ ୫୦୦୦ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଜରିମାନା ଆଦାୟ କରାଯିବ ଏବଂ ଗ୍ରେଡ୍ ହ୍ରାସ ନେଇ ଦଣ୍ଡବିଧାନ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପୃକ୍ତ ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା, ପଦକ ପାଇଁ ଅନୁଷ୍ଠିତ ହେଉଥିବା ଅନ୍ୟାନ୍ୟ ପ୍ରତିଯୋଗିତା ଏବଂ ପୁରସ୍କାର ସମାରୋହ ଭଳି ଶୈକ୍ଷିକ ସ୍ୱୀକୃତିରେ ଅଂଶଗ୍ରହଣ କରିବାରୁ ମଧ୍ୟ ବାରଣ କରାଯାଇଛି। ବିଶ୍ୱବିଦ୍ୟାଳୟ ଅଧିକାରୀ ମାନେ ଗୁରୁତ୍ୱାରୋପ କହିଛନ୍ତି ଯେ ଏହି ପଦକ୍ଷେପଗୁଡ଼ିକ କେବଳ ଦଣ୍ଡମୂଳକ ନୁହେଁ। ଆମର ଲକ୍ଷ୍ୟ ସଂସ୍କାରମୂଳକ – ସମ୍ମାନ ଏବଂ ଦାୟିତ୍ୱର ମୂଲ୍ୟବୋଧକୁ ପ୍ରତିଷ୍ଠା କରିବା ସହିତ ଶୈକ୍ଷିକ ବାତାବରଣରେ ପରିଚାଳିତ କ୍ୟାମ୍ପସ ସଂସ୍କୃତିକୁ ପ୍ରୋତ୍ସାହିତ କରିବା। ବିଶ୍ୱ ବିଦ୍ୟାଳୟର ନିଷ୍ପତ୍ତି ଏକ ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ଶିକ୍ଷାଗତ ଏବଂ ସାଂସ୍କୃତିକ ଅଖଣ୍ଡତାର ଉଚ୍ଚ ମାନଦଣ୍ଡ ସଂରକ୍ଷଣ ପାଇଁ ଭିସୁଟର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

# ପହଲଗାମ୍ ମୃତକଙ୍କ ଆତ୍ମାର ସଦ୍‌ଗତି ପାଇଁ ମୁସଲମାନମାନଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା




**ତିର୍ତ୍ତୋଲ, ନ୍ୟୁଜ୍‌ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ପଞ୍ଚାୟତର ମୁସଲମାନ ଭାଇମାନଙ୍କ ପକ୍ଷରୁ ଜମ୍ମୁ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ମେଡିକାଲ ଛକରୁ ବାହାରି ବ୍ୟାଙ୍କ ଛକ ଦେଇ ଆଖୁନ ମହଲା କୃଷ୍ଣାନନ୍ଦପୁର ପୋଲ ନିକଟରେ ପହଞ୍ଚିଥିଲା। ଯେଉଁ ଆତଙ୍କବାଦୀମାନେ ଏଭଳି ନାରକୀୟ କାଣ୍ଡ ଘଟାଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହିତ ଆତଙ୍କବାଦୀ ମୁର୍ଦ୍ଦାବାଦ, ପାକିସ୍ତାନ ମୁର୍ଦ୍ଦାବାଦ, ହିନ୍ଦୁସ୍ତାନ ଜିନ୍ଦାବାଦ ନାରାଦେଇ ଆମ୍ଭେମାନେ ଭାରତ ଦେଶ ସହିତ ଅଛୁ ଏବଂ ଦେଶପାଇଁ ଜୀବନ ଦେବୁବୋଲି କହିଥିଲେ। ଆତଙ୍କବାଦୀମାନଙ୍କୁ ପୋତ୍ସାହନ ଦେଉଥିବା ପାକିସ୍ତାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ କୃଷ୍ଣନନ୍ଦପୁର ମୌଲାନା ସୋଫିଆନ, ପୂର୍ବତନ ସରପଞ୍ଚ ମହମ୍ମଦ ଅବଦୁଲ ୱାହିଦ, ଶେଖ୍ ବରକତ ଅଲ୍ଲୀ, ମହମ୍ମଦ ଇସମାଇଲ, ମହମ୍ମଦ ଆଜାଦ ଅହେମଦ, ମୌଲାନା କୁତବ ଉଦ୍ଦିନ, ଶେଖ ଅବୁ ସୋଫିଆନ, ଶେଖ ରଜୁଆନ ଅଲ୍ଲୀ, ମୂଳିସିଂ ସରପଞ୍ଚ ସଫି ଆଜମ, ମିର୍ଜା କୟାମ ବେଗ, ମିର ଫରାନ ଉଦ୍ଦିନ, ଶେଖ ସଲିମ ବକ୍ସ, ବିନ୍ଦାସ ଅଲ୍ଲୀ (ରିଙ୍କୁ), ଶେଖ ମିର୍ଜା ସିଦ୍ଦିକ, ନିତ୍ୟାନନ୍ଦ ବେହେରା, ରମେଶ ଚନ୍ଦ୍ର ବେହେରା, ବାଦଲ ସେଠି, ଆଲୋକ ସାହୁ, ଅବଦୁଲ ଭୁଟୋ, ରିଙ୍କୁ ପାଲ, ମେହମୁଦ ଅଲ୍ଲୀ ଖାନ, ମୌଲାନା ସାଦିକ, ସେକ ସଲ୍ଲୀମ, ମିର୍ଜା ଫଲ୍ଲା ଉଦ୍ଦିନ, ମସରତ ଆଲ୍ଲୀମ, କରିମି ବକ୍ସ, ଅରସଦ ଅହେମଦ, ଏହତ ସାମ, ଶେଖ ସାଦିକ, ଶେଖ ଜାକି ଉଦ୍ଦିନ, ଅଫସର ଖାନ, ଶେଖ ଅସଜଦ ଅଲ୍ଲୀ, ସେକ ଇମିତିଆଜ ଅଲ୍ଲୀ, ସେକ ଅବଦୁଲ ଏସାନ, ମିର ଜୁନେଦ ଅହମେଦ, ସେକ ଅବଜର ଅଲ୍ଲୀ, ସେକ ଆଜଲ ଅଲ୍ଲୀ, ଶେଖ ଆସ୍ତାକ ଅଲ୍ଲୀ, ବୁଧେଶ୍ୱର ବେହେରା, ବିଶ୍ୱ ରଞ୍ଜନ ସିଂହ, ଅଜିଜ ଅଲ୍ଲୀ, ଶେଖ ସନୱାର ଅଲ୍ଲୀଙ୍କ ସମେତ ସହସ୍ରାଧିକ ଜନସାଧାରଣ ମାନେ ସାମିଲ ହୋଇଥିଲେ।

# ଟ୍ରାଫିକ ସମସ୍ୟା ଜଟିଳ : ଜାତୀୟ ରାଜପଥ ଉପରେ ନର୍ଦ୍ଦମା ପାଣି

**ବାଉଁଶୁଣି, ନ୍ୟୁଜ୍‌ବ୍ୟୁରୋ**

ଗୋଟିଏ ଅଞ୍ଚଳର ବିକାଶ ପ୍ରକ୍ରିୟାରେ ସେଠାକାର ରାସ୍ତାଘାଟର ଉନ୍ନତି ନିହାତି ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ହେଲେ ବୌଦ୍ଧ ବ୍ଲକ୍‌ର ଅନ୍ୟତମ ପୁରାତନ ସ୍ଥାନ ବାଉଁଶୁଣି ବଜାରର ରାସ୍ତାଗୁଡ଼ିକର ଅବସ୍ଥାକୁ ଦେଖିଲେ ଏଥିରେ ନିହାତି ଭାବେ ବ୍ୟତିକ୍ରମ ଦେଖାଯାଉଛି। ବାଉଁଶୁଣିକୁ ପୂର୍ବ ସରକାର ନିର୍ବାଚନ ପୂର୍ବରୁ ଏନଏସି ଘୋଷଣା କରିଥିଲେ। ଏହି ସହର ମଧ୍ୟ ଦେଇ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଯାଇଛି। କିନ୍ତୁ ପରିସ୍ଥିତି ଏପରି ହୋଇଛି ଯେ ଏହି ରାସ୍ତାରେ ଏବେ ସବୁବେଳେ ଟ୍ରାଫିକ୍ ଜାମ୍ ହେଉଥିବା ଦେଖାଯାଉଛି।



ରାଜପଥ ଉପରେ ଦିନରାତି ସବୁବେଳେ ନର୍ଦ୍ଦମା ପାଣି ପ୍ରବାହିତ ହେଉଛି। ଏଥିଯୋଗୁଁ ରାଜପଥରେ ଟ୍ରାଫିକ ଜାମ୍ ହେବା ସହ ନର୍ଦ୍ଦମା ପାଣିର ଦୁର୍ଗନ୍ଧ ଯୋଗୁଁ ବସ୍ ଅପେକ୍ଷାରେ ଥିବା ଲୋକେ ବସ୍‌ଷ୍ଟାଣ୍ଡରେ ଠିଆ ହୋଇ ରହି ପାରୁନାହାନ୍ତି। ଏଥିଯୋଗୁଁ ଦୀର୍ଘ ବର୍ଷ ହେଲା ଲୋକଙ୍କ ମଧ୍ୟରେ ଅସନ୍ତୋଷ ଭାବ ପ୍ରକାଶ ପାଇ ଆସୁଛି।

ଅନ୍ୟପକ୍ଷରେ ସହର ବାହାରେ ବିକଳ୍ପ ରାସ୍ତା ଉପଲବ୍ଧ ଥିବା ସତ୍ତ୍ୱେ ରାଜସ୍ୱ ବିଭାଗର ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ପ୍ରିୟାପ୍ରୀତି ନୀତି ଯୋଗୁଁ ମହାନଦୀ ସେତୁ ନିର୍ମାଣ ସ୍ଥଳକୁ ସହର ମଧ୍ୟ ଦେଇ ରାସ୍ତା ଦିଆଯାଇଛି। ଏପରି ସ୍ଥଳେ ଠିକା ସଂସ୍ଥାର ବିରାଟ ବିରାଟ ଭାରିଯାନଗୁଡ଼ିକ ସେତୁ ନିର୍ମାଣ ସ୍ଥଳକୁ ସବୁବେଳେ ଯିବାଆସିବା କରୁଥିବା ଯୋଗୁଁ ଅନେକ ସମୟରେ ଟ୍ରାଫିକ ଜାମ୍ ହେଉଥିବାର ଅଭିଯୋଗ ହେଉଛି। ସେପଟେ ବଜାର ଦେଇ ଗୁନ୍ଦୁଳିଆକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ଶହ ଶହ ସଂଖ୍ୟାରେ ଭାରିଯାନ ଯାଉଥିବାରୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡିଛି। କାରଣ ଏହି ରାସ୍ତାର ଗୋଛାପଡ଼ା ଠାରେ ୬ଟି କ୍ରସର ସ୍ଥାପନ ହୋଇଥିବା କାରଣରୁ ହାଇୱା, ଡମ୍ପର ଭଳି ଭାରିଯାନ ଗୁଡ଼ିକ ଦିନରାତି ସବୁବେଳେ ଯାତାୟାତ କରୁଛି। ଏହି ଭାରିଯାନ ଗୁଡିକ ପାଇଁ ବଜାରରେ ସବୁବେଳେ ଟ୍ରାଫିକ ସମସ୍ୟା ଲାଗି ରହୁଛି ବୋଲି ଦୀର୍ଘ ବର୍ଷ ଧରି ଅଭିଯୋଗ ହୋଇ ଆସୁଛି।

ଅଭିଯୋଗ ପରେ ବାଉଁଶୁଣି ପୁଲିସ ପକ୍ଷରୁ ସ୍କୁଲପଡ଼ା ଓ ଛୁଟି ସମୟରେ ଭାରିଯାନ ଚଳାଚଳ ପାଇଁ ବାରଣ କରାଯାଇଥିବା ସତ୍ତ୍ୱେ ଏହାକୁ ନମାନି ଭାରିଯାନ ଗୁଡିକ ରୀତିମତ ଚଳାଚଳ କରୁଛି। ଏହି ଗାଡ଼ିଗୁଡିକ ପାଇଁ ଅନେକ ସମୟରେ ଦୁର୍ଘଟଣା ଘଟିବା ସହିତ ଛାତ୍ରଛାତ୍ରୀଙ୍କ ଯିବା ଆସିବା କରିବାରେ ସବୁବେଳେ ବିପଦର ଆଶଙ୍କା ରହୁଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଥିପାଇଁ ବାଉଁଶୁଣି ନାଗରିକ କମିଟି ବାଉଁଶୁଣିରେ ପାଇପାସ୍ ରାସ୍ତା ନିର୍ମାଣ ପାଇଁ ବହୁଥର ଦାବି କରିବା ସହ ଅନେକ ସମୟରେ ଆନ୍ଦୋଳନ ମଧ୍ୟ କରିଛି।

ବାଇପାସ୍ ନିର୍ମାଣ ହେଲେ ଭାରିଯାନଗୁଡ଼ିକ ସେହି ରାସ୍ତା ଦେଇ ଯିବାଆସିବା କଲେ ଟ୍ରାଫିକ୍ ସମସ୍ୟା ଅନେକାଂଶରେ ସୁଧୁରିବା ସହ ଛାତ୍ରଛାତ୍ରୀମାନେ ନିରାପଦରେ ଯିବାଆସିବା କରି ପାରନ୍ତେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ବାଇପାସ୍ ନିର୍ମାଣ ଦାବି କେବଳ ରାଜନୈତିକ ପ୍ରସଙ୍ଗ ହୋଇ ନିର୍ବାଚନ ପରେ ଏହି ଦାବି ଶିଥିଳ ପଡ଼ି ହଜି ଯାଉଛି। ବୌଦ୍ଧ ଓ ମନମୁଣ୍ଡାରେ ବାଇପାସ୍ ନିର୍ମାଣ ହୋଇ ସାରି ଥିବାରୁ ବର୍ତ୍ତମାନ ବାଉଁଶୁଣିରେ ବାଇପାସ ରାସ୍ତା ନିର୍ମାଣ ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବା ବେଳେ ପ୍ରଶାସନିକ ସ୍ତରରେ କିନ୍ତୁ ଏହି ସମସ୍ୟାକୁ ଗୁରୁତ୍ୱ ଦିଆଯାଉ ନଥିବା ଅଭିଯୋଗ ହେଉଛି। ଲୋକଙ୍କ ଯାତାୟାତ ପାଇଁ ସୁବିଧା ଦୃଷ୍ଟିରୁ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ପହଲଗାଓଁର ନିହତଙ୍କୁ କବିତାରେ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର, ନ୍ୟୁଜ୍**

କାଶ୍ମୀରର ପହଲଗାଓଁରେ ନିଷ୍ଠୁର ଆତଙ୍କବାଦୀଙ୍କ ଗୁଳିରେ ନିରୀହ ୨୮ ଜଣ ପର୍ଯ୍ୟଟକ ନିହତ ପରେ ସାରା ଦେଶରେ ଶୋକର ଛାୟା ଖେଳିଯାଇଥିଲା। ବିଭିନ୍ନ ପ୍ରାନ୍ତରେ ନିହତ ଆତ୍ମାର ସଦ୍‌ଗତି ନିମନ୍ତେ ବିଭିନ୍ନ ପ୍ରକାରରେ ଶ୍ରଦ୍ଧାଞ୍ଜଳି ଜଣାଇ ଥିବାବେଳେ ନୋସି କଲଚରାଲ ଏକାଡେମି ତରଫରୁ ୫୨ତମ ଫେସବୁକ କବିତା ଆସରରେ କବି ମାନେ ନିଜ ନିଜର ସ୍ୱରଚିତ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହି କବିତା ଆସରକୁ ଏକାଡେମୀର ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ମଞ୍ଚ ସଞ୍ଚାଳନ କରିଥିବା ବେଳେ କବି ପ୍ରଭାକର ସାହୁ, ପ୍ରବୀର କୁମାର କମିଳା, ଝରଣା ମଲ୍ଲିକ, ଜୟନ୍ତ ହଂସରାଜ, ରଞ୍ଜିତ ବେହେରା, ତାପସ ସାହୁ ପ୍ରମୁଖ କବିତାରେ କବିତାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କଣ୍ଠଶିଳ୍ପୀ ଜୀବନ ମହାପାତ୍ର , କୁମାର ଅତନୁ, କୁମାର ଏକାଦଶୀ ଓ ପ୍ରବୀର କୁମାର କମିଳା ଶୋକାତୁର ସଂଗୀତ ପରିବେଷଣ କରିଥିଲେ। ସେହିପରି କୁନି ନୃତ୍ୟ ଶିଳ୍ପୀ ଦୁର୍ଗେଶ୍ୱରୀ ସିଂ ନୃତ୍ୟ ପରିବେଷଣ କରିଥିଲା ବେଳେ ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ବାରମାଣପାଟଣା ଗ୍ରାମରୁ ଚିତ୍ରା ହରିଣ ଉଦ୍ଧାର



**ପିପିଲି, ନ୍ୟୁଜ୍‌ବ୍ୟୁରୋ**

ପିପିଲି ଥାନା ପୁବାଶାସନ ପଞ୍ଚାୟତର ବାରମାଣପାଟଣା ଗ୍ରାମରୁ ଏକ ଚିତ୍ରା ହରିଣକୁ ଉଦ୍ଧାର କରାଯାଇଛି। ହରିଣଟି ଗ୍ରାମ ନିକଟ ଧାନ କ୍ଷେତରେ ଏଣେ ତେଣେ ବୁଲୁଥିବାବେଳେ କେତେକ ବୁଲା କୁକୁର ତାକୁ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। ଭୟରେ ହରିଣଟି ଜଣେ ବ୍ୟକ୍ତିଙ୍କ ଘରେ ପଶିଯାଇଥିଲା। ଏହି ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଦେଖଣାହାରୀଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଲୋକେ ବିନା ଆଘାତରେ ହରିଣଟିକୁ କାବୁ କରିବା ପରେ ପୁଲିସ ଓ ବନ ବିଭାଗକୁ ଖବର ଦେଇଥିଲେ। କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ସନ୍ଦୀପ ଦାସଙ୍କ ସମେତ ବାଳକାଟୀ ବନ ବିଭାଗର କର୍ମଚାରୀ ମାନେ ସେଠାରେ ପହଞ୍ଚିଥିଲେ। ବନ କର୍ମଚାରୀମାନେ ହରିଣଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପରେ ତା'ର ଆବଶ୍ୟକୀୟ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଇଥିଲେ। ଏହି ହରିଣକୁ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଖାଦ୍ୟ ଓ ପାଣି ଅନ୍ୱେଷଣରେ ଉକ୍ତ ହରିଣଟି ବାଲୁଖଣ୍ଡ ଜଙ୍ଗଲ ଅଞ୍ଚଳରୁ ଏଠାକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଗତ ଦୁଇଦିନ ତଳେ ହରିଣଟି ବାଲିପାଟଣା ଥାନା ଅନ୍ତର୍ଗତ ଭାର୍ଗବୀ ନଦୀ କୂଳ ଅଚ୍ୟୁତପୁର ଅଞ୍ଚଳରେ ବୁଲୁଥିବାର ଲୋକେ ଦେଖିଥିଲେ।

# ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ତଦାରଖ କଲେ ଜିଲ୍ଲାପାଳ

**ବଲାଙ୍ଗିର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସାଲଓ୍ୱାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ତଦାରଖ କରିବା ପାଇଁ ସମଲେଶ୍ୱରୀ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ପରିଦର୍ଶନ କରିଥିଲେ। କାଉଣ୍ଟରରେ ରେଜିଷ୍ଟ୍ରେସନ ପ୍ରକ୍ରିୟା ଏବଂ ନୂଆ କାର୍ଡ ନଥିବା ସ୍ଥଳେ ରୋଗୀ କିପରି ସୁବିଧାରେ ଚିକିତ୍ସା ପାଇପାରିବେ ସେ ବାବଦରେ ପୁଙ୍ଖାନୁପୁଙ୍ଖ ବୁଝିଥିଲେ। ଆୟୁଷ୍ମାନ ଭାରତ କାର୍ଡ ନଥିଲେ ଆଧାର କାର୍ଡ ସହାୟତାରେ ରୋଗୀ ଆଡମିଶନ କରୁଛନ୍ତି କି ନାହିଁ, କେହି ପଇସା ମାଗୁଛନ୍ତି କି ସେ ବିଷୟରେ ରୋଗୀଙ୍କୁ ପଚାରି ବୁଝିଥିଲେ। ଯୋଜନା ଆରମ୍ଭରୁ ବର୍ତ୍ତମାନ ସୁଦ୍ଧା କେତେ ରୋଗୀ ଚିକିତ୍ସିତ ହୋଇଛନ୍ତି ସେ ବିଷୟରେ ପଚାରି ବୁଝିଥିଲେ। ତାଙ୍କର ଏହି ଗସ୍ତ ବେଳେ ଟିଟିଲାଗଡ଼ ଉପଜିଲ୍ଲାପାଳ ରେହାନ କ୍ଷେତ୍ରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା ରମେଶ ଚନ୍ଦ୍ର ସାହୁ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ନଥିବାରୁ ଆବାସ ସ୍ୱପ୍ନ : କାର୍ଯ୍ୟାଦେଶ ଥାଇ କଚ୍ଚା ଘର

**କାଳିଆପାଣି, ନ୍ୟୁଜ୍‌ବ୍ୟୁରୋ**

ଗାଁକୁ ରାସ୍ତା ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଘର ସ୍ୱପ୍ନ ହୋଇ ରହିଛି। ସମସ୍ତ ପରିବାର ନାଁରେ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର ହୋଇଛି। କିନ୍ତୁ କେହି ଘର ତିଆରି କରିପାରୁ ନାହାନ୍ତି। କାରଣ ଗାଁକୁ ସଡ଼କ ନଥିବାରୁ ନିର୍ମାଣ ସାମଗ୍ରୀ ପହଞ୍ଚି ପାରୁନାହିଁ। ଏହି ଗାଁର ନାଁ ହେଉଛି ଗୁହିଆଶାଳ। ଯାଜପୁର ଜିଲ୍ଲାର ଅପଖ୍ୟାତ ନଗଡ଼ାର ପଡ଼ୋଶୀ ଗାଁ। ଏଠାରେ ୨୬ ଜୁଆଙ୍ଗ ଜନଜାତି ପରିବାର ବାସ କରୁଛନ୍ତି। ସମସ୍ତଙ୍କର ଝାଟିମାଟି ଚାଳଘର।

ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ଅନୁଦାନରେ ଏବଂ ବନ ବିଭାଗର ପ୍ରକଳ୍ପ ବିବରଣୀ ଆଧାରରେ ୨ କୋଟି ଟଙ୍କା ବ୍ୟୟରେ ନାଳିଆଡାବରୁ ଗୁହିଆଶାଳ ପର୍ଯ୍ୟନ୍ତ ୩ କିଲୋମିଟର ଦୈର୍ଘ୍ୟ ଓ ୧୫ ଫୁଟ ଚଉଡ଼ାର ସଡ଼କ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ୨୦୨୩ ନଭେମ୍ବର ୯ରେ



ଳାନ୍ୟାସ ହୋଇଥିବା ବେଳେ ୨ ମାସ ମଧ୍ୟରେ କାମ ଆରମ୍ଭ ହୋଇଥିଲା। ପ୍ରସ୍ତାବିତ ପାହାଡ଼ୀ ସଡ଼କରେ ୫ଟି ପୋଲ (କଲଭର୍ଟ) ଓ ୫ଟି ଘୋଷରା (କଜୱେ) ନିର୍ମାଣ ପାଇଁ ନିଅଁ ଖୋଳାଯିବା ସହ ବାଲି, ଚିପ୍ସ ପଡ଼ିଥିଲା ଏବଂ ନାଳିଆରାବ ନାତୁର ବିଟ୍ ହାଉସରେ ୨୦ କ୍ୱିଣ୍ଟାଲ୍ ପାଖାପାଖି ଲୁହାରଡ୍ ଓ ଏକ ଟ୍ରିପ୍ ସିମେଣ୍ଟ ଗଚ୍ଛିତ ରହିଥିଲା। ହେଲେ ବର୍ଷେରୁ ଅଧିକ ସମୟ ଧରି କାମ ଅଟକି ଯାଇଛି। ଲୁହାରଡ୍ ସବୁ କଳଙ୍କି ଧରିଲାଣି। ସିମେଣ୍ଟ ବସ୍ତା ସବୁ ପଥର ହୋଇଯାଇଛି। ନିଅଁ ପୋତି ହୋଇଗଲାଣି। ସଡ଼କ ନ ଥିବାରୁ ଗୁହିଆଶାଳ ଗାଁକୁ ନିର୍ମାଣ ସାମଗ୍ରୀ ପହଞ୍ଚି ପାରୁନଥିବା ସୁକିନ୍ଦା ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି। ଦୁଇବର୍ଷ ତଳୁ ଗୁହିଆଶାଳ ଉଚ୍ଚ ପ୍ରାଥମିକ ସ୍କୁଲ କୋଠା ପାଇଁ କାର୍ଯ୍ୟାଦେଶ ମିଳିଥିଲେ ମଧ୍ୟ କାମ ଆରମ୍ଭ ହୋଇ ପାରୁନାହିଁ।

ଗାଁକୁ ଆମ୍ବୁଲାନ୍ସ ଗଡ଼ିବା ଅସମ୍ଭବ। ରୋଗୀ ଓ ଗର୍ଭବତୀ ଭାରରେ ବୁହାହୋଇ ନାଳିଆଡ଼ାବ ପର୍ଯ୍ୟନ୍ତ ଆସିଥାନ୍ତି। ଯାଜପୁର ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଗୁହିଆଶାଳ ଗସ୍ତରେ ଯାଇ ବାସ୍ତବତା ଅନୁଧାନ କରିଥିଲେ। ବର୍ଷାଦିନ ପୂର୍ବରୁ ନାଳିଆଡ଼ାବ-ଗୁହିଆଶାଳ ସଡ଼କ ନିର୍ମାଣ ପାଇଁ ଏସିଏଫ୍ ଅନୀଲ ରାୟ, ରେଞ୍ଜର ଦେବେନ୍ଦ୍ର ମାଝୀ, ବନପାଳ ରାମ ତିରିଆ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଅବିନାଶ ବାରିକ, ଡିଏମ୍‌ଏଫ୍ ଟିମ୍ ଲିଡର ସତ୍ୟସ୍ୱରୂପ ପଣ୍ଡାଙ୍କ ସହ ଆଲୋଚନା କରିଥିଲେ। ଏସିଏଫ୍ ଅନୀଲ ରାୟ କହିଛନ୍ତି ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ପଲ୍ଲୀସଭା ହୋଇଥିଲେ ହେଁ ଅଧିକ କିଛି କାମ ଆଗେଇ ନଥିବା କହିଥିଲେ।





# ସରକାରୀ ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍‌ର ପୁନଃ ବିକାଶ କାର୍ଯ୍ୟ ସମୀକ୍ଷା:ଏସ୍‌ସିବିରେ ଶଯ୍ୟା ସଂଖ୍ୟା ୩୭୯୬କୁ ବଢ଼ିବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

କଟକ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜର ପୁନଃବିକାଶ କାର୍ଯ୍ୟ ୪୪୭୪.୪୯ କୋଟି ବିନିଯୋଗରେ ଜାରି ରହିଛି । ଏହି ପ୍ରକଳ୍ପ ଜୁନ୍ ୨୦୨୬ ସୁଦ୍ଧା ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ରହିଛି । ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ଏସ୍‌ସିବି ମେଡିକାଲ କଲେଜର ଶଯ୍ୟା ସଂଖ୍ୟା ୩୭୯୬କୁ ବୃଦ୍ଧି ପାଇବ । ଏହି ମେଡିକାଲ କଲେଜ ଏମ୍‌ସ ପ୍ଲସ୍ ପ୍ଲସ୍ ଭାବେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ଗୁଡ଼ିକର ପୁନଃ ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ ତଥା ହସ୍ପିଟାଲର ପୁନଃବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୮୯୫.୮୯ କୋଟି ଟଙ୍କା ବିନିଯୋଗ ହେଉଛି । ଦ୍ୱିତୀୟ ପର୍ଯ୍ୟାୟ ପୁନଃବିକାଶ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ଏହାର ଶଯ୍ୟାସଂଖ୍ୟା ୧୧୨୭କୁ ବୃଦ୍ଧି ପାଇବ । ବୁର୍ଲା ଭିମସାରର ୧୫୯୪ କୋଟି ବିନିଯୋଗରେ




ପୁନଃବିକାଶ କାର୍ଯ୍ୟ କରାଯିବ । ବର୍ତ୍ତମାନ ଏହାର ଶଯ୍ୟାସଂଖ୍ୟା ୧୪୮୫ ରହିଛି । କାର୍ଯ୍ୟ ଶେଷ ହେବାପରେ ସମସ୍ତ ଅତ୍ୟାଧୁନିକ ସୁବିଧା ସୁଯୋଗ ସହିତ ଏହା ବୃଦ୍ଧି ପାଇ ୨୮୬୧ରେ ପହଞ୍ଚିବ । ସେହିପରି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ୧୦୧୪.୧୩ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ପୁନଃବିକାଶ କାର୍ଯ୍ୟ କରାଯିବ । ପୁନ ଃବିକାଶ ପରେ ଏହାର ଶଯ୍ୟା ସଂଖ୍ୟା ୧୫୮୩ରୁ ୨୦୩୩କୁ ବୃଦ୍ଧି ପାଇବ । ରାଉରକେଲା ସରକାରୀ ହସ୍ପିଟାଲର ପୁନଃବିକାଶ ପାଇଁ ୬୨୭.୧୬ କୋଟି ଟଙ୍କା ଅଟକଳ କରାଯାଇଛି । ପୁନଃବିକାଶ ପରେ ଏହାର ଶଯ୍ୟା ସଂଖ୍ୟା ୪୩୭ରୁ ୭୬୩କୁ ବୃଦ୍ଧି ହେବ । ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲ୍‌କୁ ୫୯୫୮ କୋଟି ଟଙ୍କା ବ୍ୟୟରେ ପୁନଃବିକାଶ କରାଯିବ । ପୁନଃବିକାଶ ପରେ ଏହାର ଶଯ୍ୟା ସଂଖ୍ୟା ୭୫୦ରୁ ୨୫୮୨କୁ ବୃଦ୍ଧି ପାଇବ । ଏହି ମେଡିକାଲ ପ୍ରକଳ୍ପ ଗୁଡ଼ିକରେ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ସୁବିଧା, ହଷ୍ଟେଲ୍, ଏକାଡେମିକ ବିଲ୍‌ଡିଂ, ରୋଗୀ ସଂପର୍କୀୟଙ୍କ ରହଣିସ୍ଥଳ, ଷ୍ଟାଫ୍ କ୍ୱାର୍ଟର୍ସ, ଖେଳପଡ଼ିଆ, ଅଡିଟୋରିୟମ୍ ଭଳି ଉନ୍ନତ ଭିତ୍ତିଭୂମି ନିର୍ମାଣ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଓ ବରିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

## ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତ୍ୟକ୍ଷଦର୍ଶୀ

# ରଞ୍ଜିତ ଭୋଲଙ୍କ ପରିବାରକୁ ଦେଢ଼ ଘଣ୍ଟା ପଚରା ଉଚରା କଲେ ଏନ୍‌ଆଇଏ ଟିମ୍

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକରେ ଏନ୍‌ଆଇଏ ଟିମ୍ ପହଲଗାମ ଆତଙ୍କୀ ଆକ୍ରମଣରେ ପ୍ରତ୍ୟକ୍ଷଦର୍ଶୀ ଥିବା କଟକ ଦେଉଳ ସାହିର ରଞ୍ଜିତ ଭୋଲଙ୍କୁ ପଚରାଉଚରା କରିଛି । ପ୍ରାୟ ଦେଢ ଘଣ୍ଟା କାଳ ରଞ୍ଜିତଙ୍କ ପରିବାରକୁ ପଚରାଉଚରା କରିଥିଲା ଟିମ୍ । ମଙ୍ଗଳବାର ଏନ୍‌ଆଇଏର ୩ ଜଣିଆ ଟିମ୍ କଟକର ଦେଉଳସାହିରେ ରହୁଥିବା ରଞ୍ଜିତଙ୍କ ଘରେ ପହଞ୍ଚି ପରିବାରର ୩ ସଦସ୍ୟ ଯଥା ରଞ୍ଜିତ ଭୋଲ, ତାଙ୍କ ପତ୍ନୀ ଓ ପୁଅଙ୍କୁ ପହଲଗାମ ଆତଙ୍କୀ ଆକ୍ରମଣ ସମ୍ପର୍କରେ ପଚାରି ବୁଝିଥିଲେ । ପ୍ରାୟ ଦେଢ ଘଣ୍ଟା ଧରି ପଚରାଉଚରା କରିବା ପରେ ଭୁବନେଶ୍ୱର ଫେରି ଆସିଛି ଟିମ୍ । ଦୁଇ ଜଣ ଇନିସ୍ପେକ୍ଟର ରାଙ୍କର ଅଫିସର ଏବଂ ଅନ୍ୟ ଜଣେ ଏସ୍‌ଆଇ ରାଙ୍କର ଅଫିସର ଏହି ଟିମ୍‌ରେ ସାମିଲ ଥିଲେ । ରଞ୍ଜିତଙ୍କ ପରିବାର ଲୋକ ଆତଙ୍କବାଦୀ ହମ୍ଲା ସମୟରେ ପ୍ରତ୍ୟକ୍ଷଦର୍ଶୀ ଥିଲେ । ସେଦିନ ଘଟଣା ସମ୍ପର୍କରେ ପଚାରି ବୁଝିଛି ଏନ୍‌ଆଇଏ ଟିମ୍ । ଏହି ଟିମ୍ କିଛି ସନ୍ଦିଗ୍ଧଙ୍କ ଫଟୋ ରଞ୍ଜିତଙ୍କ ପରିବାର ଲୋକଙ୍କୁ ଦେଖାଇଥିଲେ । ଏହି ସନ୍ଦିଗ୍ଧ ମାନଙ୍କୁ



ସେମାନେ ଦେଖିଥିଲେ କି ନାହିଁ । କେଉଁ ଭାଷାରେ କଥା ହେଉଥିଲେ । ଆତଙ୍କୀ ମାନେ କେଉଁ ରଙ୍ଗର ଡ୍ରେସ୍ ପିନ୍ଧିଥିଲେ । କଲମା ପଢିବାକୁ କହିଥିଲେ କି ନାହିଁ । ସେହି ସମୟରେ ଏମାନେ କଣ କହିଥିଲେ । କେତେ ଜଣ ଆତଙ୍କବାଦୀ ଆସିଥିଲେ ଅଥବା କେତେଜଣ ଆତଙ୍କଙ୍କୁ ଏମାନେ ଦେଖିଥିଲେ । ରଞ୍ଜିତଙ୍କ ପତ୍ନୀ କେଉଁଠି ଆହତ ହେଲେ ଏବଂ କେଉଁ ପରିସ୍ଥିତିରେ ଆହତ ହେଲେ । ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଏନ୍‌ଆଇଏ ଟିମ୍ ପଚରାଉଚରା କରିଥିଲେ । ପଚରାଉଚରା ପରେ ଟିମ୍ ଭୁବନେଶ୍ୱର ଫେରିଯାଇଥିଲେ । ଗତ ଏପ୍ରିଲ ୨୨ରେ ଜମ୍ମୁ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ପହଲଗାମରେ ଆତଙ୍କୀ ଆକ୍ରମଣ ହୋଇଥିଲା । ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା କରିଥିଲେ ଆତଙ୍କୀ । ତେବେ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଛନ୍ତି । ସେଥିମଧ୍ୟରୁ ବାଲେଶ୍ୱରର ପ୍ରଶାନ୍ତ ଶତପଥୀ ମଧ୍ୟ ପ୍ରାଣ ହରାଇଛନ୍ତି । ଘଟଣା ଦିନ କଟକ ଦେଉଳସାହିର ରଞ୍ଜିତଙ୍କ ପରିବାର ପହଲଗାମରେ ଛୁଟି କାଟୁଥିଲେ । ସେମାନଙ୍କ ସାମ୍ନାରେ ଆତଙ୍କୀମାନେ ଅନେକଙ୍କୁ ହତ୍ୟା କରିବା ସହ କଲମା ପଢ଼ିବାକୁ କହିଥିବା ପୂର୍ବରୁ ରଞ୍ଜିତଙ୍କ ପରିବାର ଘଟଣାସ୍ଥଳରୁ ଖସିଯାଇଥିଲେ । ତେବେ ସୌଭାଗ୍ୟବଶତଃ ଏହି ପରିବାର ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ । ଏହି ପ୍ରତ୍ୟେକ୍ଷଦର୍ଶୀଙ୍କୁ ଏନ୍‌ଆଇଏ ଟିମ୍ ପଚରା ଉଚରା କରିଛି । ପୂର୍ବରୁ ଏନ୍‌ଆଇଏ ଟିମ୍ ବାଲେଶ୍ୱର ଯାଇ ମୃତ ପ୍ରଶାନ୍ତଙ୍କ ପତ୍ନୀଙ୍କୁ ପଚରାଉଚରା କରିଥିଲା ।

## ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣାର ପର୍ଦ୍ଦାଫାସ୍

# ଝିଅ ଓ ବୋହୂଙ୍କୁ ଅସଦାଚରଣକୁ ବିରୋଧ କରିବାରୁ ଘଟିଛି ହତ୍ୟାକାଣ୍ଡ


**ମୟୂରଭଞ୍ଜ, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ବଡ଼ଗାଁ ପଞ୍ଚାୟତ କୁସୁମଘାଟି ଜଙ୍ଗଲରୁ ନରକଙ୍କାଳ ମିଳିବା ଘଟଣା ଭିନ୍ନ ମୋଡ଼ ନେଇଛି । ଜଙ୍ଗଲରେ ଖଡ଼ିଆ ସମ୍ପ୍ରଦାୟର ଝିଅ ଓ ବୋହୂଙ୍କୁ ଅସଦାଚରଣ କରୁଥିବା ବନ କର୍ମଚାରୀଙ୍କୁ ବିରୋଧ କରିବାରୁ ସନିଆ ଦେହୁରୀ (୫୫)ଙ୍କୁ ହତ୍ୟା କରାଯାଇଥିବା ଗାଁ ଲୋକ ଅଭିଯୋଗ କରିଛନ୍ତି । ୨୦ ଦିନ ତଳେ ବଡ଼ଗାଁ ପଞ୍ଚାୟତ ସୁଗଦା ଡିହିଗାଁର ସନିଆ ଦେହୁରୀ (୫୫) କୁସୁମଖାଟି ଜଙ୍ଗଲକୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଯାଇ ନିଖୋଜ ହୋଇଯାଇଥିଲେ । ପରିବାର ଲୋକେ ଖୋଜାଖୋଜି କରି ନିରାଶ ହୋଇଥିଲେ । ତେବେ, ଗତ ଶନିବାର ଦିନ କିଛି ମହିଳା ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିବା ବେଳେ ନରକଙ୍କାଳ ଦେଖି ବଡ଼ଗାଁ ରେଞ୍ଜକୁ ଖବର ଦେଇଥିଲେ । ଏହି ଘଟଣା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା । ବନ ବିଭାଗ କର୍ମଚାରୀ, ନିଖୋଜ ଥିବା ସନିଆଙ୍କ ବଡ଼ଭାଇ କାଳିଚରଣ ଦେହୁରୀ ଓ ସାଇଣ୍ଟିଫିକ୍ ଟିମ୍‌ଙ୍କୁ ସାଥୀରେ ଧରି ଘଟଣାସ୍ଥଳରେ ପହଞ୍ଚିଥିଲା ପୋଲିସ । ସନିଆଙ୍କର ମୃତଦେହ ବୋଲି ତାଙ୍କ ବଡ଼ଭାଇ ଚିହ୍ନଟ କରିଥିଲେ । ଏହାପରେ ପୋଲିସ ୨ଟି ଗୋଡ଼ବିହୀନ ନରକଙ୍କାଳ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇ ଦେଇଥିବା ବେଳେ ତାହା ସନିଆଙ୍କର ବୋଲି ପୋଲିସ ସ୍ୱଷ୍ଟ କରିନି । ଡିଏନ୍‌ଏ ଟେଷ୍ଟ ପରେ ମୃତଦେହଟି କାହାର ଜଣାପଡ଼ିବ ବୋଲି ବାଙ୍ଗିରିପୋଷୀ ଥାନା ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି କହିଛନ୍ତି । ଅନ୍ୟପକ୍ଷରେ, ଏହି ଘଟଣା ଭିନ୍ନ ମୋଡ଼ ନେଇଛି । ସ୍ଥାନୀୟ ଲୋକେ ବନ ବିଭାଗ କର୍ମଚାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି । ସେମାନେ କହିଛନ୍ତି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଯାଉଥିବା ଖଡ଼ିଆ ସମ୍ପ୍ରଦାୟର ଝିଅ-ବୋହୂଙ୍କୁ ସବୁଜ ବାହିନୀର କିଛି କର୍ମଚାରୀ ଅସଦାଚରଣ କରିଥିଲେ । କିଛିଦିନ ତଳେ ଏନେଇ ବଡ଼ଗାଁ ରେଞ୍ଜର ମନୋଜ ନାଏକଙ୍କ ପାଖରେ ଲିଖିତ ଅଭିଯୋଗ ହୋଇଥିଲା । ସମ୍ଭବତଃ ସେହି ଘଟଣା ପାଇଁ ସନିଆଙ୍କୁ ହତ୍ୟା କରାଯାଇଥିବା ବଡ଼ଗାଁ ମୌଜାର ବମିୟା ସିଂ, ରବୀନ୍ଦ୍ର ସିଂ, ପ୍ରଫୁଲ୍ଲ, ସୁରେନ୍ଦ୍ର ହାଁସଦା, ସାଲଗେ ମାରାଣ୍ଡି, ସୁକେନ ମୁର୍ମୁ ପ୍ରମୁଖ ଅଭିଯୋଗ କରିଛନ୍ତି । ସେପଟେ ବଡ଼ଗାଁ ରେଞ୍ଜର ମନୋଜ ନାଏକ କହନ୍ତି, ଅସଦାଚରଣ ଅଭିଯୋଗ କ୍ରମେ ସବୁଜ ବାହିନୀର ଦୁଇ କର୍ମଚାରୀ ସିଙ୍ଗୁରାମ ମୁର୍ମୁ ଓ ମନୋଜ ଚାପେୟାରଙ୍କୁ ପିଠାବଟା ରେଞ୍ଜ ଚମ୍ପାଗଡ଼କୁ ବଦଳି କରାଯାଇଛି । ହତ୍ୟା ଅଭିଯୋଗର ସତ୍ୟାସତ୍ୟ ପୋଲିସ ତଦନ୍ତ କରିବ ବୋଲି ସେ କହିଛନ୍ତି ।

# ଡାହାଣୀ ସନ୍ଦେହରେ ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

**ବିଶୋଇ, ନ୍ୟୁଜ୍ ବ୍ୟୁରୋ**

ଅନ୍ଧବିଶ୍ୱାସର ଅର୍ଗଳିରୁ ମୁକୁଳି ପାରୁନାହାନ୍ତି ଲୋକେ । ଡାହାଣୀ ଓ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ପାଇଁ ଗୋଟିଏ ପରେ ଗୋଟିଏ ଜଘନ୍ୟକାଣ୍ଡ ଘଟୁଛି । ଗତ ୩ ମାସ ତଳେ ବିଶୋଇ ଥାନା ଅଞ୍ଚଳରେ ଡାହାଣୀ ସନ୍ଦେହରେ ଜଣେ ଯୁବକ ବୃଦ୍ଧ ଦମ୍ପତିଙ୍କୁ ହତ୍ୟା କରିଥିବା ବେଳେ ପୁଣି ଏଭଳି ଘଟଣାର ପୁନରାବୃତ୍ତ ଘଟିଛି । ବିଶୋଇ ଥାନା ଅଧିନ ଯୋଡ଼ିଆ ଗ୍ରାମରେ ଡାହାଣୀ ସନ୍ଦେହରେ ଦିନ ଦ୍ୱିପହରରେ ଜଣେ ମହିଳାଙ୍କୁ ଘର ଭିତରେ ପଶି ଟାଙ୍ଗିଆରେ ହାଣି ବୀଭତ୍ସ ଭାବରେ ହତ୍ୟା କରିଛି ସମ୍ପର୍କୀୟ ପୁତୁରା । ମୃତ ମହିଳା ଜଣଙ୍କ ହେଉଛନ୍ତି ଗ୍ରାମର ସାକ୍ର ହେମ୍ବ୍ରମ (୫୭) । ଅଭିଯୁକ୍ତ ହେଉଛି ସାକ୍ରଙ୍କ ପୁତୁରା ଦୁଲାରାମ ହେମ୍ବ୍ରମ (୨୮) ଓରଫ ସାନ । ଅପରାହ୍ଣ ପ୍ରାୟ ୩ଟାରେ ସାକ୍ର ମଧ୍ୟାହ୍ନଭୋଜନ ସାରି ନିଜ ଘର ଅଗଣାରେ ବସିଥିଲେ । ସାକ୍ରଙ୍କ ପୁଅ କାର୍‌ରୁ ହେମ୍ବ୍ରମ୍ ବାହାରକୁ କାମ କରିବା ପାଇଁ ଯାଇଥିଲେ । ଏହି ସମୟରେ ଦୁଲାରାମ ନିଶାସକ୍ତ ଅବସ୍ଥାରେ ପହଞ୍ଚି ଟାଙ୍ଗିଆରେ ସାକ୍ରଙ୍କ ମୁଣ୍ଡକୁ ବାରମ୍ବାର ଚୋଟ ପକାଇଥିଲା । ସାକ୍ରଙ୍କ ବୋହୂ ସୀତାମଣି ଦେଖି ଭୟରେ ନିଜ ଶିଶୁକନ୍ୟା ସହିତ ଅନ୍ୟତ୍ର ଦୌଡ଼ି ପଳାଇଥିଲେ । ହତ୍ୟା ପରେ ଅଭିଯୁକ୍ତ ଜଣଙ୍କ ରକ୍ତଲଗା ଟାଙ୍ଗିଆ ଓ ଛୁରି ଧରି ବିଶୋଇ ଥାନାରେ ପହଞ୍ଚି ଆତ୍ମସମର୍ପଣ କରିଛି । ସନ୍ଧ୍ୟାରେ ସାକ୍ରଙ୍କ ପୁଅ କାରୁ ହେମ୍ବ୍ରମ୍ ବିଶୋଇ ଥାନାରେ ଏତଲା ଦେଇଛନ୍ତି । ବିଶୋଇ ଥାନାରେ କେସ୍ ନମ୍ବର ୮୩/୨୫ରେ ମାମଲା ରୁଜୁ ହୋଇଛି । ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସ କହିଛନ୍ତି ।



# ରିଙ୍ଗ ରୋଡ଼ କାମ ସମ୍ପୂର୍ଣ୍ଣ ପାଇଁ ପୂର୍ବମନ୍ତ୍ରୀଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ଦିନ ହେଲା ବନ୍ଦ ହୋଇପଡ଼ିଛି ସୋନପୁରର ବହୁ ପ୍ରତିକ୍ଷୀତ ରିଙ୍ଗ ରୋଡ ପ୍ରକଳ୍ପ । ଏନେଇ ଦିନକୁ ଦିନ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ସେପଟେ ମୁରବୀ ବିହୀନ ନେତା ଶୂନ୍ୟ ସୋନପୁର ସହରରେ ପ୍ରଶାସନ ମଧ ସ୍ଥାଣୁ ପାଲଟି ଥିବା ସହରରେ ଚର୍ଚ୍ଚା । ଏ ନେଇ ସୋନପୁର ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ମାନେ ଆଇନ୍, ଅବକାରୀ ତଥା ପୂର୍ବମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଐତିହ୍ୟ ସମ୍ପନ୍ନ ସୁବର୍ଣ୍ଣପୁର ସଦର ମହକୁମାର ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଙ୍ଗରୋଡ୍ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦୃଢ଼ ଦାବି କରିଛନ୍ତି । ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ସହ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଉକ୍ତ ପ୍ରକଳ୍ପ ଆରମ୍ଭ ହେବାର ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଗଲାଣି କିନ୍ତୁ ସମ୍ପୂର୍ଣ୍ଣ ନହେବା ଦ୍ୱାରା ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଉପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିବା ଉଚିତ୍ ବୋଲି ସେମାନେ ଦାବି ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ବାଙ୍କାନିଧି ରାୟଗୁରୁ, ମହେଶ ପୂଝାରୀ, ନିରଞ୍ଜନ ତ୍ରିପାଠୀ, ଅକ୍ଷୟ କୁମାର ସେଠୀ, ଦୁଃଖିରାମ ନାୟକ, ନବଘନ ଷାଣ୍ଢ, ବିଜୟ କେତନ ରାୟଗୁରୁ, ଜନ୍ମଜୟ ପାତ୍ର, ମାଗୁଣି ସାହୁ, ତ୍ରିପୁରାରୀ ପଣ୍ଡା, ଶେଷଦେବ ପଟ୍ଟନାୟକ, ଆନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ପୋଲିସର ନିଷ୍କ୍ରିୟତାର ପ୍ରତିବାଦ୍:ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା

**କଟକ, ନ୍ୟୁଜ୍ ବ୍ୟୁରୋ**

ବାଲିଚନ୍ଦ୍ରପୁର ଥାନାରେ ରୁଜୁ ଏତଲା ଆଧାରରେ ପୋଲିସର ନିଷ୍କ୍ରିୟତା ଅଭିଯୋଗ କରି ଯାତ୍ରା ଅଭିନେତ୍ରୀ ସୋନାଲି ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୋନାଲିଙ୍କୁ ପତ୍ନୀ ବୋଲି ଦାବି କରୁଥିବା ତଥାକଥିତ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାରଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ଆଣି ସୋନାଲି ହାଇକୋର୍ଟରେ ଏକ ମାମଲା ଦାୟର କରିଥିବା ଜଣାପଡ଼ିଛି । ତାଙ୍କୁ ସାମାଜିକ ଗଣମାଧ୍ୟମରେ ବଦ୍‌ନାମ୍ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । ଏପରିକି ସେ ନାବାଳିକା ଥିବା ସମୟରେ ତଥାକଥିତ ସ୍ୱାମୀ ବୋଲି ଦାବି କରୁଥିବା ଶ୍ରୀକ୍ଷେତ୍ର ତାଙ୍କ ସହ ଦୁଷ୍କର୍ମ କରିଥିଲେ ଓ ବଳପୂର୍ବକ ବିବାହ କରିଥିଲେ ବୋଲି ଆବେଦନରେ ଦର୍ଶାଯାଇଥିବା ସୋନାଲିଙ୍କ ଓକିଲ ବ୍ୟୋମକେଶ ତ୍ରିପାଠୀ କହିଛନ୍ତି । ଏବେ ସୋନାଲି ଜଣେ ପ୍ରତିଷ୍ଠିତ ଯାତ୍ରା ଅଭିନେତ୍ରୀ ହେବା ପରେ ତାଙ୍କୁ ବଦ୍‌ନାମ୍ କରିବା ପାଇଁ ଅନ୍ୟ ପୁରୁଷଙ୍କ ସହ ତାଙ୍କ ନାମକୁ ଯୋଡ଼ାଯାଉଛି । ଏଣୁ ଶ୍ରୀକ୍ଷେତ୍ରଙ୍କ ବିରୋଧରେ ପୋକ୍ସୋ ଆଇନ୍‌ରେ ମାମଲା ରୁଜୁ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି । ଏହି ମାମଲାରେ ଗୃହ ସଚିବ, ଯାଜପୁର ଏସ୍‌ପି ଓ ବାଲିଚନ୍ଦ୍ରପୁର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି ।




# କେନ୍ଦୁଝରରେ ଆରମ୍ଭ ହେଲା ଜିଲ୍ଲାସ୍ତରୀୟ ‘ଏକ ଦେଶ, ଏକ ନିର୍ବାଚନ’ ଅଭିଯାନ

**କେନ୍ଦୁଝର, ନ୍ୟୁଜ୍**

ଦେଶରେ ଏକା ସଙ୍ଗରେ ସଂସଦୀୟ ନିର୍ବାଚନ ସହ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ କରିବାକୁ ଭାରତ ଏବେ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ହେଉଛି । କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର ଏହି ଅଭିଯାନକୁ ସାକାର କରିବାକୁ ସାରା ଦେଶରେ ଜନମତାମତ ଓ ଜନପରାମର୍ଶ ଲୋଡ଼ୁଛି । ଏହି ପରିପ୍ରେକ୍ଷିରେ ଓଡ଼ିଶାରେ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି । ସୋମବାର କେନ୍ଦୁଝର ଜିଲ୍ଲାରେ ଦଳ, ମତ, ପନ୍ଥ ନିର୍ବିଶେଷରେ ଜିଲ୍ଲାବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବିଜେପିର ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏବଂ ମାଳତୀ ଦେବୀ ଫାଉଣ୍ଡେସନ୍ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ‘ଏକ ଦେଶ, ଏକ ନିର୍ବାଚନ’ ପାଇଁ ଜନ ମତାମତ ଲୋଡ଼ିବାକୁ ଆରମ୍ଭ ହୋଇଛି ପ୍ରୟାସ । ଏହି ଜନ ସମାବେଶରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକିର ମୋହନ ନାଏକ, ରାଜ୍ୟ ବିଜେପିର ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଆନନ୍ଦପୁରର ପୂର୍ବତନ ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରହିତ ପାଇଁ ‘ଏକ ଦେଶ, ଏକ ନିର୍ବାଚନ’ ସକାଶେ ଆଇନ୍ ପ୍ରଣୟନ ଉପରେ ସମବେତ ଜନତାଙ୍କୁ ମାର୍ଗଦର୍ଶନ କରିଥିଲେ । ‘ଏକ ଦେଶ, ଏକ ନିର୍ବାଚନ’ ଅଭିଯାନର କେନ୍ଦୁଝର ଓ ଭଦ୍ରକ ଜିଲ୍ଲା ସଂଯୋଜକ ପତଞ୍ଜଳୀ କର ଶର୍ମା ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇ ଏହି ରାଷ୍ଟ୍ରୀୟ ଅଭିଯାନକୁ କିପରି ଜିଲ୍ଲାର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଯାଇପାରିବ, ସେଥିପାଇଁ ଜିଲ୍ଲା ନେତୃତ୍ୱ ଓ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ । ଅଗୁନୁ ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ଏହି ସମାବେଶରେ ମାଳତୀ ଦେବୀ ଫାଉଣ୍ଡେସନ୍‌ର ଆବାହକ ପ୍ରଣବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ବିଜେପି ମିଡିଆ ପ୍ରଭାରୀ ବ୍ରଜ କିଶୋର ରାୟ ସମ୍ମିଳନୀ ସୁପରିଚାଳନା କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ରାଜନୈତିକ, ସାମାଜିକ, ସାଂସ୍କୃତିକ ଆଦି ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଏହି ସମାବେଶରେ ଯୋଗ ଦେଇଥିଲେ ।

# ମରଣଯନ୍ତା ପାଲଟିଲା ଶୈଳଶ୍ରୀବିହାର-ଚନ୍ଦ୍ରଶେଖରପୁର ରାସ୍ତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶୈଳଶ୍ରୀବିହାର କଲୋନୀର ଏମ୍‌ଆଇଜି-୬ରୁ ଚନ୍ଦ୍ରଶେଖରପୁର ପୋଲିସ ଷ୍ଟେସନ୍‌କୁ ଯାଇଥବା ରାସ୍ତାଟି ଏବେ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଛି । ଏହି ରାସ୍ତାରେ ନାରାୟଣା ପବ୍ଲିକ୍ ସ୍କୁଲ୍, ଆଲେନ୍ ସ୍କୁଲ୍ ସହ କେତେଗୁଡ଼ିଏ ସଫ୍ଟଓୟାର କମ୍ପାନୀ ଓ ଇଡ୍‌କୋ ପ୍ଲଟ୍‌ରେ ଛୋଟ ବଡ଼ କାରଖାନାମାନ ରହିଛି । ଦୈନିକ ଏହି ରାସ୍ତାରେ ସ୍କୁଲ୍ ବସ୍, ଶତାଧିକ କାର୍, ମୋଟର ସାଇକେଲ ଆଦି ଯାତାୟାତ କରିଥାନ୍ତି । ଯାତାୟାତ ପାଇଁ ଏହି ରାସ୍ତାଟିରେ ଏବେ ଗୁଡ଼ିଏ ଦୋକାନ ବଜାର ମାନଙ୍କର ଗହଳି ହେତୁ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି । ସନ୍ଧ୍ୟାରେ ଏହି ଅଞ୍ଚଳଟି ଏକ ଛୋଟ ବଜାର ଭଳି ମନେହେଉଛି । ସର୍ବସାଧାରଣ ରାସ୍ତାକୁ ଜବରଦଖଲ କରି ଗଢ଼ିଉଠିଥିବା ଏହି ଦୋକାନ ଗୁଡ଼ିକ ପାଇଁ ରାସ୍ତା ଯଥେଷ୍ଟ ସଂକୁଚିତ ହୋଇପଡ଼ିଛି । ଉଚ୍ଚ କର୍ତ୍ତୃପକ୍ଷ ବିଶେଷ ଭାବେ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି ।

# ବିଶ୍ୱ ନୃତ୍ୟ ଦିବସ:ଓଡ଼ିଶୀ, ଛଉ,ସମ୍ବଲପୁରୀ ଏବଂ ହୋ ମୁଣ୍ଡା ନୃତ୍ୟରେ ଦର୍ଶକ ବିମୋହିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ‘ବିଶ୍ୱ ନୃତ୍ୟ ଦିବସ’ ପାଳିତ ହୋଇଯାଇଛି । ଭାରତର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଏବଂ ଲୋକନୃତ୍ୟର ବହୁଳ ପ୍ରଚାର ଓ ପ୍ରସାର କରିବା ସହିତ ଆମ ନୃତ୍ୟ ପରମ୍ପରା ଏବଂ ଐତିହ୍ୟକୁ ବିଶ୍ୱବିଦିତ କରିବା ଲକ୍ଷ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ‘ବିଶ୍ୱ ନୃତ୍ୟ ଦିବସ’ ପାଳନ କରାଯାଇଥିଲା । ‘ବିଶ୍ୱ ନୃତ୍ୟ ଦିବସ’ ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ଓଡ଼ିଶୀ ନୃତ୍ୟ (ନୃତ୍ୟଶିଳ୍ପୀ ଶୁଭଲକ୍ଷ୍ମୀ ପଣ୍ଡା ଓ ସାଥୀଙ୍କ ଦ୍ୱାରା), ସମ୍ବଲପୁରୀ ନୃତ୍ୟ (ନୃତ୍ୟଶିଳ୍ପୀ ଆଲୋକ ପଣ୍ଡା ଓ ସାଥୀଙ୍କ ଦ୍ୱାରା), ପୁରୁଲିଆ ଛଉ ନୃତ୍ୟ (ନୃତ୍ୟଶିଳ୍ପୀ ଦିଲୀପ ଚନ୍ଦ୍ର ମାହତୋ ଓ ସାଥୀଙ୍କ ଦ୍ୱାରା) ଏବଂ ହୋ ମୁଣ୍ଡା ନୃତ୍ୟ (ଆଦିମ୍ ସଂସ୍କୃତି ପକ୍ଷରୁ) ଆଦିର ପରିବେଷଣ କରାଯାଇଥିଲା । ଏହି



କାର୍ଯ୍ୟକ୍ରମରେ ବିଶିଷ୍ଟ ଓଡ଼ିଶୀ ଏବଂ ଗୋଟିପୁଅ ନୃତ୍ୟଗୁରୁ ଗୋବିନ୍ଦ ଚନ୍ଦ୍ର ପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ଶ୍ରୀ ପାଲ୍ ଭାରତର ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଏବଂ ଲୋକନୃତ୍ୟ ସମ୍ବନ୍ଧରେ ସବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ନୃତ୍ୟ ହେଉଛି ଶିଳ୍ପୀର ସୃଜନଶୀଳତାକୁ ପରିପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ । ଆମ ଶାସ୍ତ୍ରୀୟ ଏବଂ ଲୋକନୃତ୍ୟ ଆମ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ଏକ ନିଛକ ନିଦର୍ଶନ ଏବଂ ଏହାର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଆମେ ସମସ୍ତେ ସଦାସର୍ବଦା ଚେଷ୍ଟିତ ରହିବା ଉଚିତ୍ ବୋଲି ଗୁରୁ ଶ୍ରୀ ଗୋବିନ୍ଦ ଚନ୍ଦ୍ର ପାଲ୍ ମତପ୍ରକାଶ କରିଥିଲେ । ସେହିପରି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ମଧ ‘ବିଶ୍ୱ ନୃତ୍ୟ ଦିବସ’ ପାଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଶୀ ନୃତ୍ୟ (ଜଗନ୍ନାଥ ଅଷ୍ଟକମ୍, ଭାବରଙ୍ଗ ଓ ଶକ୍ତି) ଏବଂ ଛଉନୃତ୍ୟ (ମହାଦେବ) ପରିବେଷଣ କରିଥିଲେ । ବିଶ୍ୱ ନୃତ୍ୟ ଦିବସ ଅବସରରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବହୁଳ ଭାବରେ ଦର୍ଶକମାନେ ଯୋଗଦେଇ ପ୍ରଦର୍ଶିତ ହୋଇଥିବା ବିଭିନ୍ନ ଶାସ୍ତ୍ରୀୟ ନୃତ୍ୟ ଏବଂ ଲୋକନୃତ୍ୟର ପ୍ରଶଂସା କରିଥିଲେ । ଏଥିସହିତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ କରାଯାଇଥିବା ଏହି ଅଭିନବ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି ବିଭିନ୍ନ ନୃତ୍ୟଶିଳ୍ପୀ, କଳାକାର, ବୁଦ୍ଧିଜୀବୀ ଏବଂ ଦର୍ଶକମାନେ ମତପ୍ରକାଶ କରିଥିଲେ ।

# ଯୁବକଙ୍କ ଗଳା କାଟି ହତ୍ୟା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**


ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ୍‌ର କେ ନୂଆଗାଁ ଥାନା ଅଞ୍ଚଳରେ ଜଣେ ଯୁବକଙ୍କୁ ତଣ୍ଟି କାଟି ନିର୍ମମ ଭାବେ ହତ୍ୟା କରାଯାଇଛି । ମୃତକ ରାମପୁର ଗ୍ରାମର ବାଲ୍ମୀକି ମହାକୁଡ଼ଙ୍କ ପୁଅ ବଳରାମ ମହାକୁଡ଼ (୩୩) । ଧାନଘର ଛକରୁ ମା’ ବାଲକୁମାରୀ ପୀଠକୁ ଯିବା ରାସ୍ତା ବ୍ରାହ୍ମଣବନ୍ଧ ନିକଟରୁ ସକାଳେ ତାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରୁ ଗୋଟିଏ ହଳ ଚପଲ ଓ ଛୁରି ଜବତ ହୋଇଛି । ଶବ ମିଳିଥିବା ସ୍ଥାନରୁ ୨୦୦ ମିଟର ଦୂରରେ ବଳରାମଙ୍କ ବୁଲେଟ୍ ପଡ଼ିଥିବା ବେଳେ ତାଙ୍କ ସାର୍ଟ ପକେଟ୍‌ରେ ମୋବାଇଲ୍ ମଧ୍ୟ ଅଛି । ଫଳରେ ପୂର୍ବ ବିବାଦକୁ କେନ୍ଦ୍ର କରି ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପାରିପାର୍ଶ୍ୱିକ ସ୍ଥିତିରୁ ସ୍ପଷ୍ଟ ହେଉଛି । ପୋଲିସର ପ୍ରାଥମିକ ତଦନ୍ତରୁ ମିଳିଥିବା ସୂଚନାନୁସାରେ, ବଳରାମ ରାଜ୍ୟ ବାହାରେ କାମ କରୁଥିବା ବେଳେ ୧୫ ଦିନ ତଳେ ଗାଁକୁ ଆସିଥିଲେ । ସେ ତାଙ୍କ ବୁଲେଟ୍‌ରେ ଭଉଣୀଘର ଚିକିଟିପେଣ୍ଠ ଆସି ରାତି ୯ଟାରେ ସେଠାରୁ ବାହାରିଥିଲେ । କିନ୍ତୁ ଘରକୁ ଫେରିନଥିଲେ । ପରିବାରବର୍ଗ ବ୍ୟସ୍ତବିବ୍ରତ ହୋଇ ଖୋଜାଖୋଜି କରିଥିଲେ ହେଁ ତାଙ୍କୁ ଠାବ କରିପାରିନଥିଲେ । ସକାଳେ ବଳରାମଙ୍କ କ୍ଷତାକ୍ତ ଶବ ମିଳିଥିବାବେଳେ ତାଙ୍କ ଗଳାକୁ କୌଣସି ଧାରୁଆ ଅସ୍ତ୍ରରେ କଟାଯାଇଥିବା ଦେଖିବାକୁ ମିଳିଥିଲା । ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ ଓ କେ.ନୂଆଗାଁ ଥାନା ଆଇଆଇସି କିଶୋର କୁମାର ସାମଲ୍ ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛନ୍ତି । ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ପଠାଇ ପୋଲିସ ଦୁଇଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି । ଏଥିରେ ୬ରୁ ୭ ଜଣ ସଂପୃକ୍ତ ଥିବା ଅନୁମାନ କରାଯାଉଥିବା ବେଳେ ଧାନଘର ଛକର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌କୁ ମଧ୍ୟ ପୋଲିସ ତଦନ୍ତ ପରିସରଭୁକ୍ତ କରିଛି । ବଳରାମଙ୍କୁ ହତ୍ୟାକାରୀମାନେ ଡାକିଥିଲେ ନା ରାସ୍ତାରେ ଅଟକାଇ ଯୋଜନାବଦ୍ଧ ଭାବେ ଆକ୍ରମଣ କରିଥିଲେ; ସେ ନେଇ ଅଧିକ ଖୋଳତାଡ଼ ଜାରି ରହିଛି । ବାପା ବାଲ୍ମୀକି କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି । ବ୍ରହ୍ମପୁର ଏସ୍‌ପି ଡା. ଶରବଣା ବିବେକ ଏମ୍. କହିଛନ୍ତି, ଘଟଣା ସଂପର୍କରେ ସୁରାକ୍ ମିଳିଛି । ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ । ବଳରାମ ବିବାହିତ ଏବଂ ତାଙ୍କର ପତ୍ନୀ ଓ ଗୋଟିଏ ଝିଅ ଅଛନ୍ତି ।


# ଆଜିର ଭଲମନ୍ଦ





**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com


**ଉଦୟକାଳୀନ ଗ୍ରହଚକ୍ର**






**ମେଷ:** ଆଜି ଦିନଟି ବେଶ୍ ହସ ଖୁସିରେ ବିତାଇବେ । କାର୍ଯ୍ୟ ସାଫଲ୍ୟ ହେତୁ ମନରେ ଆନନ୍ଦ ଆସିବ । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ବନ୍ଧୁ ସହଯୋଗ ଲାଭ କରିବେ । ରୋଜଗାରରେ ପ୍ରଗତି ।


**ବୃଷ:** ସମସ୍ତଙ୍କ ଅସହଯୋଗ ଆପଣଙ୍କୁ ହତୋତ୍ସାହିତ କରିବ । କର୍ମହାନୀର ସମ୍ଭାବନା । ଦୁଶ୍ଚିନ୍ତାରେ ପଡ଼ିପାରନ୍ତି । ଆୟର ପରିମାଣ ବଢ଼ିବ । ପାରିବାରିକ ଜଞ୍ଜାଳଗ୍ରସ୍ତ ହେବେ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ପୁରାତନ କର୍ମପ୍ରାପ୍ତିର ସୁଯୋଗ ଲାଭ କରିବେ । ଆଜି ଆହାର ବ୍ୟବହାର ପ୍ରତ୍ୟେକରେ ତୃପ୍ତି ଲାଭ କରିବେ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ପ୍ରାପ୍ତି ହେବ । ଦେହ ଭଲ ରହିବ ।


**କର୍କଟ:** ବନ୍ଧୁ ସହଯୋଗ ଲାଭ କରିବା ସହିତ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଆୟ ଠାରୁ ବ୍ୟୟର ପରିମାଣ କ୍ରମଶଃ ଅଧିକ ହେବ । କର୍ମକ୍ଷେତ୍ରରେ ପ୍ରଶଂସା ଲାଭ କରିବେ । କିନ୍ତୁ ଘରେ ଅଶାନ୍ତି ଦେଖାଦେବ ।


**ସିଂହ:** ବିଭିନ୍ନ ପ୍ରକାର ସମସ୍ୟା ମଧ୍ୟ ଦେଇ ଗତି କରିବେ । କର୍ମକ୍ଷେତ୍ରରେ ସହଯୋଗ ଲାଭ କରିପାରିବେ । ପାରିବାରିକ ସମସ୍ୟା ଦେଖାଦେବ । ମନ ଅସ୍ଥିର ରହିବ । ରୋଜଗାରରେ ବୃଦ୍ଧି ହେବ । ବନ୍ଧୁଙ୍କ ସହ କଳହ ।



**କନ୍ୟା:** ସାହାଯ୍ୟ ସହଯୋଗ ଲାଭ କରିବେ । କର୍ମକ୍ଷେତ୍ରରେ ଅଗ୍ରଗତି କରିବେ । ଆୟର ପରିମାଣ ବଢ଼ିବ । ଦିନସାରା କର୍ମଚଞ୍ଚଳ ରହିବେ । ସୁସମ୍ବାଦ ପ୍ରାପ୍ତି । ଘରେ ଆନନ୍ଦ ଲାଭ । ଦୂରଯାତ୍ରା କରିପାରନ୍ତି ।


**ତୁଳା:** ଅନ୍ୟମାନଙ୍କ ମଧ୍ୟରେ କର୍ମ ସମ୍ପାଦାନ ପାଇଁ ପରିସ୍ଥିତି ସୃଷ୍ଟି ହେବ । ବନ୍ଧୁ ସହଯୋଗ ପାଇବେ । ତଥାପି ଅଳସୁଆ ପଣରୁ ପାରିବାରିକ କର୍ମହାନୀ । ଆୟ ଓ ବ୍ୟୟର କିଛି ପରିବର୍ତ୍ତନ ହେବନାହିଁ ।


**ବିଛା:** ମନରେ ଅଶାନ୍ତି ସହିତ ଦୁଶ୍ଚିନ୍ତା ବଢ଼ିବାର ଆଶଙ୍କା ରହିଛି । କର୍ମହାନୀର ସୂଚନା । ଦେହ ପୀଡ଼ା ଅନୁଭବ କରିବେ । ଆୟ ଠାରୁ ବ୍ୟୟର ପରିମାଣ ଅଯଥାରେ ବଢ଼ିବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।


**ଧନୁ:** ବନ୍ଧୁ ସହଯୋଗରେ ନିଜର କାର୍ଯ୍ୟ ସାଧନା କରିପାରିବେ । କର୍ମକ୍ଷେତ୍ରରେ ବେଶ୍ ଆନନ୍ଦ ଅନୁଭବ କରିବେ । ଆହାରରେ ତୃପ୍ତି କିନ୍ତୁ ରୋଜଗାରରେ ବାଧା । କର୍ମକ୍ଷେତ୍ରରେ ଅନୁପସ୍ଥିତ ।


**ମକର:** ଆପଣଙ୍କ ଅନିଷ୍ଟ କର୍ତ୍ତା ଆଜି ହାର୍ ମାନିବେ । ଶତ୍ରୁ ହାନୀ କରି ଆପଣ କର୍ମ ପଥରେ ଆଗେଇଯିବେ । ପାରିବାରିକ ଶାନ୍ତି ଅନୁଭବ କରିବେ । ଗୁରୁଜନଙ୍କ ଆଶୀର୍ବାଦ ଲାଭ କରିବେ ।


**କୁମ୍ଭ:** ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯମ କରଣୀୟ । ନଚେତ୍ ଅଯଥା ମାନହାନୀର ଆଶଙ୍କା । ବ୍ୟୟର ପରିମାଣ ଅଧିକ ହେବ । ଘରେ ଜଞ୍ଜାଳ ବଢ଼ିବ । ବହୁ ସମୟ ଅନ୍ୟମନସ୍କ ରହିବେ ।


**ମୀନ:** ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ । ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ଶାନ୍ତି ଲାଭ ହେବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୧।୫।୨୦୨୫, ବୈଶାଖ ଦ୧୮ନ, ଗୁରୁବାର**

**ସୂର୍ଯ୍ୟୋଦୟ-** ଘ୫।୧୮।୩୮ **ଚନ୍ଦ୍ରୋଦୟ-** ଦିଘ ୮।୧୧।୫୭

**ଚତୁର୍ଥୀ-** ଦିଘ ୧୧।୨୪ ପର୍ଯ୍ୟନ୍ତ । **ମୃଗଶିରା ନକ୍ଷତ୍ର-** ଦିଘ ୨।୨୨ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଏବଂ ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୧୧।୨୪ ଗତେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୧ ଗତେ ଘ ୭।୦୩ ମଧ୍ୟେ । ଦିଘ ୧୦।୨୭ ଗତେ ଘ ୧।୦୧ ମଧ୍ୟେ । **ପର୍ବୋତ୍ସବ-** ଶ୍ରମିକ ଦିବସ ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦାଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨।୫।୨୦୨୫, ବୈଶାଖ ଦ୧୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୧୮।୦୨ **ଚନ୍ଦ୍ରୋଦୟ-** ଦିଘ ୯।୧୬।୦୮

**ପଞ୍ଚମୀ-** ଦିଘ ୯।୧୫ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦି ୧।୦୫ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, ତୁଳା, ଧନୁ, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ଦିଘ ୯।୧୫ ପରେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୨୧ ଗତେ ଘ ୬।୧୨ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୪୨ ମଧ୍ୟେ । **ପର୍ବୋତ୍ସବ-** ଆଦିଶଙ୍କରାଚାର୍ଯ୍ୟ ଜୟନ୍ତୀ ।

ପ୍ରଭାତୀ
31 YEARS
ସମ୍ବାଦ କଳିକା

# ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି

ଭାରତର ଜି-୨୦ ସେର୍ପା ଓ ନିତି ଆୟୋଗର ପୂର୍ବତନ ସିଇଓ ଅମିତାଭ କାନ୍ତ କହିଛନ୍ତି ଯେ ୨୦୨୫ରେ ଜାପାନକୁ ଅତିକ୍ରମ କରି ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଭାବେ ଉଭା ହେବ। ବର୍ତ୍ତମାନ ଆମେରିକା, ଚୀନ୍, ଜର୍ମାନୀ ଓ ଜାପାନ ପଛକୁ ଭାରତ ପଞ୍ଚମ ବଡ଼ ଅର୍ଥନୀତି ହୋଇରହିଛି। ଦଶ ବର୍ଷ ପୂର୍ବେ ଭାରତ ବୃହତ ଅର୍ଥନୀତି ମଧ୍ୟରେ ଏକାଦଶତମ ସ୍ଥାନରେ ଥିଲେ। ଏହାପରେ କିନ୍ତୁ ସେଥିରେ ଦ୍ରୁତ ବୃଦ୍ଧି ଘଟିଛି। ଅର୍ଥନୀତିରେ ଅନେକ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି। ବର୍ତ୍ତମାନ ଭାରତ ହେଉଛି ଏକ ୩.୭ ଟ୍ରିଲିଅନ ଡଲାର ଅର୍ଥନୀତି। ଅମିତାଭଙ୍କ ମତରେ ୨୦୧୫ରେ ଭାରତ ପାଞ୍ଚଟି ସଂଘର୍ଷ କରୁଥିବା ଅର୍ଥନୀତି ମଧ୍ୟରୁ ଅନ୍ୟତମ ଥିଲା। ବ୍ରାଜିଲ୍, ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା ଓ ତୁର୍କୀ ସହ ଭାରତକୁ ସେହି ତାଲିକାରେ ମର୍ଗାନ୍ ଷ୍ଟାନ୍ଲିର ବିଶେଷଜ୍ଞମାନେ ସାମିଲ କରିଥିଲେ। ଏବେ ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଉଭା ହୋଇଛି। ଏହା ପଛର କାରଣଗୁଡ଼ିକ ହେଉଛି ଜିଏସ୍ଟି ସଂଗ୍ରହରେ ରେକର୍ଡ, ଅଭିବୃଦ୍ଧି ୮%ରୁ ଅଧିକ ରହିବା, ୨୭ଟି ଦେଶ ସହ ଭାରତୀୟ ମୁଦ୍ରାରେ କାରବାର ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା। କେବଳ ସେତିକି ନୁହେଁ, ଇସ୍ପାତ, ସିମେଣ୍ଟ ଓ ଗାଡ଼ି ଉତ୍ପାଦନରେ ଦୁଇ ଗୁଣା ବୃଦ୍ଧି ହୋଇଥିଲା ବେଳେ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଭାରତ ବିଶ୍ୱର ଅଗ୍ରଣୀ ଦେଶ ଭାବେ ଉଭା ହୋଇଛି। ବିଶ୍ୱର ୪୬ ପ୍ରତିଶତ ଡିଜିଟାଲ୍ କାରବାର ଭାରତରେ ହେଉଛି। ଜନ ଧନ ଖାତାରେ ୨.୩୨ ଲକ୍ଷ କୋଟି ଟଙ୍କା ରହିଛି। ସେ କହିଛନ୍ତି ଯେ ୨୦୦୩-୪ରୁ ୨୦୧୩-୧୪ ମଧ୍ୟରେ ହାରାହାରି ମୁଦ୍ରାସ୍ଫୀତି ୮.୨ ପ୍ରତିଶତ ଥିବା ବେଳେ ୨୦୧୩-୧୪ରୁ ୨୦୨୨-୨୩ ମଧ୍ୟରେ ତାହା ୫%କୁ ହ୍ରାସ ପାଇଛି। ନିକଟରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ପ୍ରକାଶ କରିଥିବା ଏକ ରିପୋର୍ଟରେ ଆକଳନ କରିଛି ଯେ ଭାରତ ବିଶ୍ୱର ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ଅର୍ଥନୀତି ହୋଇରହିବ। ଏହା ଭାରତ ପାଇଁ ନିଜର ଅଭିବୃଦ୍ଧି ଆକଳନକୁ ୬.୫ ପ୍ରତିଶତରୁ ବଢ଼ାଇ ୬.୮ ପ୍ରତିଶତ କରିଛି। ୨୦୨୧-୨୨ରେ ଭାରତର ଅଭିବୃଦ୍ଧି ୮.୭ ପ୍ରତିଶତ ଥିବା ବେଳେ ୨୦୨୨-୨୩ରେ ୭.୨ ପ୍ରତିଶତ ରହିଛି। ଫଳରେ ବିଶ୍ୱ ଅର୍ଥନୀତି ପ୍ରତି ଭାରତର ଅବଦାନ ଆହୁରି ଦୃଢ଼ ହୋଇପାରିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

**ସତ୍ୟ ଭାଗବତ ଭଗବାନ**

ହେ ପ୍ରଭୁ ଜଗତ ନାଥ ମୁଁ
ଇଣ୍ଡରୁ ପିଣ୍ଡ ପରିଯନ୍ତେ
ଘୁରୁଛି ମୁହିଁ ଦିବା ରାତ୍ରେ
(୧)
ନାହିଁ ମୋହର ଠାବରାବ
ଭକତ ମୋର ମନ ଭାବ
(୨)
ଦେଖିଲି ସକଳ ଅନ୍ତରେ
ମାୟା ମୋହରେ
ନିରନ୍ତରେ (୩)
ଆକେଶେ ଉଡି ମୁଁ ବୁଲୁଛି
ଜଳରେ ବୁଡି ମୁଁ ବୁଲୁଛି
(୪)
ସ୍ଥଳରେ ସଦା ଭ୍ରମୁଅଛି
ଅନଳେ ସଦା ସାକ୍ଷୀଅଛି
(୫)
ବାୟୁରେ ସର୍ବଦା ଘୁରୁଛି
ପ୍ରାଣୀର ହୃଦେ ଭ୍ରମୁଅଛି
(୬)
ମୋ ମାୟା ମୋତେ ଅଗୋଚର
କାହୁଁ ଜାଣିବେ ନର ଛର (୭)
ଜୀବ ଜଗତ ମାୟା ଘର
ସେ କାହୁଁ ଭଜିବ ଠାକୁର (୮)
କ୍ରମଶଃ

# ବିଶ୍ୱ ବିଶ୍ୱକର୍ମାଙ୍କ ଦିବସ ଶ୍ରମିକ ଦିବସର ଅନୁଚିନ୍ତା


ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଶ୍ରମିକ ମାନେ ହେଉଛନ୍ତି ଆମ ଦେଶ ମୂଳଦୁଆ। ନିଜର ରକ୍ତବୁନ୍ଦା ଦାନ କରି ଅକ୍ଳାନ୍ତ ପରିଶ୍ରମ କରି ଦେଶ ମାତୃକାର ଓଠରେ ହସ ଫୁଟାନ୍ତି। ୧୮୬୬ ମସିହା ମେ'୧ ତାରିଖ ଆମେରିକାର ଚିକାଗୋ ସହର ହେ' ମାର୍କେଟରେ ଅନେକ ଦିନ ଧରି ମଜୁରିଆ ଅସହ୍ୟ ନିର୍ଯାତନା ଭୋଗ କରୁଥିଲେ। ନିର୍ଯାତନାର ସୀମା ଏତେ ଟପିଗଲା ଯେ, ସେମାନେ ମାନସିକ ଭାରସାମ୍ୟ ହରାଇ ବସିଲେ। ତେଣୁ ଏପରି ଘଡିସନ୍ଧି ମୁହୂର୍ତ୍ତରେ ସେମାନେ ଦୃଢ ବିଶ୍ୱାସୀ ହୋଇ ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଏକତ୍ରିତ ହେଲେ। ନିଜର ଜୀବନ ଯାଉ ଏପରି ମାନସିକ ନିର୍ଯାତନାରୁ ବର୍ତ୍ତିବା ପାଇଁ ସେମାନେ ଅଣ୍ଟା ଭିଡି ଆଗକୁ ବାହାରିଲେ। ଏପରିକି ଏମାନଙ୍କର ସଂଘର୍ଷ ଏତେ ଜୋର ଥିଲା ଯେ, କେତେକ ଶ୍ରମିକଙ୍କୁ ଫାସିଖୁଣ୍ଟରେ ଝୁଲିବାକୁ ପଡିଥିଲା। ଅନ୍ୟମାନଙ୍କ ପରି ଏକ ସୁସ୍ଥ ସରଳ ଜୀବନ ଅତିବାହିତ କରି ଭଲରେ ଗଣ୍ଡେ ଖାଇବେ ଓ ଶାନ୍ତିରେ ରହିବା ଇତ୍ୟାଦି ଲକ୍ଷ୍ୟ ଥିଲା। ସେହି ଦିନ ଠାରୁ ସୂତ୍ରପାତ ଆଜିର ମଇ ଦିବସ ବା ଶ୍ରମିକ ଦିବସ। ପ୍ରତ୍ୟେକ ଭାରତୀୟ ଓ ବିଶ୍ୱବାସୀଙ୍କ ହୃଦବୋଧ ହେଲା ଯେ, ଶ୍ରମିକ ମାନେ ଏ ଜାତିର କର୍ଣ୍ଣଧାର। ତା'ପରେ ବିଶ୍ୱ ଶ୍ରମିକ ଆନ୍ଦୋଳନ ସୂତ୍ରପାତ ଚାରିଆଡେ ଦେଖାଗଲା । ୧୯୦୧ରେ ଅନ୍ତଃରାଷ୍ଟ୍ରିୟ ଶ୍ରମିକ ମହାସଂଘ ଗଠନ କରାଗଲା। ଯାହା ହଲାଣ୍ଡରେ ଅବସ୍ଥିତ। ଏହି ସଂଘର ମୁଖ୍ୟ ଲକ୍ଷ୍ୟ ଥିଲା ଶ୍ରମିକ ମାନଙ୍କ ସୁରକ୍ଷା ଓ ସମାଜରେ ସୁସ୍ଥ ମଣିଷଟିଏ ହୋଇ ବଞ୍ଚିବାର ଅଧିକାର। ସାରା ବିଶ୍ୱର ଶ୍ରମିକମାନେ ଯେତେବେଳେ ଏକଜୁଟ ହୋଇଗଲେ ସେତେବେଳେ ଅତ୍ୟାଚାରୀ ଲୋକମାନଙ୍କ ପ୍ରାଦୁର୍ଭାବ ଲୋପ ପାଇଲା। ତା' ପରେ ଶ୍ରମିକ ମାନଙ୍କ ଜୀବନରେ ସକାଳର ନୂଆ ସୁରୁଜ ଉଇଁଲା । ସେବେ ଠାରୁ ମେ ୧ ତାରିଖରେ ସମଗ୍ର ବିଶ୍ୱବାସୀ ଶ୍ରମିକ ଦିବସ ରୂପେ ପାଳନ କରିବାକୁ ପ୍ରତିବଦ୍ଧ ହେଲେ। ଅର୍ଥାତ ମେ ୧ ତାରିଖ ହେଉଛି ଆନ୍ତର୍ଜାତୀୟ ଶ୍ରମିକ ଦିବସ । ଏହି ଦିନ ସାରା ଦୁନିଆରେ ଶ୍ରମିକ ଦିବସ ପାଳନ କରାଯାଏ । ଶ୍ରମିକମାନେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁଭଳି ଭାବରେ ଦିନ ରାତି କାମ କରନ୍ତି, ସେମାନଙ୍କ ସମ୍ମାନରେ ଏ ଦିନଟି ଉତ୍ସର୍ଗୀକୃତ କରାଗଲା । ଏହି ଦିନ ଶ୍ରମିକଙ୍କ ଅନିଶ୍ଚିତ କାମ କରିବା ସମୟକୁ ୮ ଘଣ୍ଟା ରଖାଯାଇଥିଲା। ସେଥିପାଇଁ ଏହି ଦିନଟିକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଇଥାଏ । ଶହ ଶହ ବର୍ଷ ପୂର୍ବରୁ ଶ୍ରମିକମାନଙ୍କ କାମ କରିବାର କିଛି ସଠିକ ସମୟସୀମା ନଥିଲା । ଶ୍ରମିକମାନେ ଅଧିକ ସମୟ କାମ କରୁଥିଲେ। ୧୮୭୭ ମସିହାରେ ଶ୍ରମିକମାନେ ନିଜ କାମ କରିବାର ସମୟସୀମା ନିର୍ଦ୍ଧାରଣ କରିବା ପାଇଁ ଏକ ଆନ୍ଦୋଳନ କରିଥିଲେ । ୧୮୮୬ ମସିହା ମେ ୧ ତାରିଖରେ ଆମେରିକାର ଲକ୍ଷ ଲକ୍ଷ ଶ୍ରମିକ ଏକଜୁଟ ହୋଇ ଆନ୍ଦୋଳନ କରିଥିଲେ। ପାଖାପାଖି ୧୧ ହଜାର କାରଖାନାର ୩ ଲକ୍ଷ ୮୦ ହଜାର ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ଏହି ଆନ୍ଦୋଳନ ପରେ ୧୮୮୯ ମସିହାରେ ପ୍ୟାରିସରେ ଆୟୋଜିତ ହୋଇଥିବା ଅନ୍ତରାଷ୍ଟ୍ରୀୟ ମହାସଭାର ଦ୍ୱିତୀୟ ବୈଠକରେ ଫ୍ରେଞ୍ଚକ୍ରାନ୍ତିକୁ ନଜରରେ ରଖି ଏକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ପାଳନ କରାଯିବ ପ୍ରସ୍ତାବକୁ ସ୍ୱୀକାର କରାଯାଇଥିଲା । ଏହି ପ୍ରସ୍ତାବ ପାରିତ ହେବାପରେ ଆମେରିକାରେ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାମ କରିବା ନିୟମ ପ୍ରଚଳନ ହୋଇଥିଲା। ଏହାପରେ ସାରା ଦୁନିଆରେ ମେ ୧ ତାରିଖକୁ ଶ୍ରମିକ ଦିବସ ରୂପେ ପାଳନ କରିବା ଆରମ୍ଭ ହୋଇଥିଲା। ଭାରତରେ ପ୍ରଥମେ ୧୯୨୩ ମସିହା ମେ ୧ ତାରିଖରେ ଚେନ୍ନାଇରେ ଶ୍ରମିକ ଦିବସ ପାଳନ କରାଯାଇଥିଲା । ଭାରତର ଲେବର କିଷାନ ପାର୍ଟି ଅଫ ହିନ୍ଦୁସ୍ତାନ ୧୯୨୩ ମସିହା ମେ ୧ ତାରିଖକୁ ମାଡ୍ରାସରେ ଶ୍ରମିକ ଦିବସ ପାଳନ କରିବା ଆରମ୍ଭ ହୋଇଥିଲା । ସେହିଦିନ ଠାରୁ ମେ ୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି । ପ୍ରତ୍ୟେକ ଦେଶର ବିକାଶରେ ଶ୍ରମିକମାନଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ମୁଣ୍ଡ ଝାଳ ତୁଣ୍ଡରେ ମାରି ଦେଶର ବିକାଶରେ ଲାଗିଥାନ୍ତି ଶ୍ରମିକ ଓ ଦିନ ମଜୁରିଆ । ଯେକୌଣସି ଦେଶ, ସମାଜ ଓ ଅନୁଷ୍ଠାନର ବିକାଶ କ୍ଷେତ୍ରରେ ଶ୍ରମିକଙ୍କ ଏକ ବଡ଼ ଅବଦାନ ରହିଥାଏ। ତେଣୁ ଏମାନଙ୍କୁ ମନେପକାଇବା ପାଇଁ ପ୍ରତ୍ୟେକ ବର୍ଷ ମଇ ୧ ତାରିଖକୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି । ଏହାକୁ Labour Day ଓ ମଇ ଦିବସ ବୋଲି ମଧ୍ୟ କୁହାଯାଏ । ଆଜିର ଦିନରେ ଦେଶର ଅଧିକାଂଶ କମ୍ପାନୀ ଛୁଟି ରହେ । କେବଳ ଭାରତ କାହିଁକି, ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶରେ ଶ୍ରମିକ ଦିବସ ପାଳନ କରାଯାଉଛି । ତେବେ ଏହି ଶ୍ରମିକ ଦିବସ ଉପରେ ଟିକେ ବିଶେଷ ଆଲୋଚନା କରିବା। ଏହି ଦିବସ କାହିଁକି ହୋଇଥିଲା ଆଉ ଏହାର ଉଦ୍ଦେଶ୍ୟ କଣ ଥିଲା। ଆମେରିକାର ମଜଦୁର ୟୁନିୟନ ଶ୍ରମିକଙ୍କ କାମ କରିବାର ସମୟ ୮ ଘଣ୍ଟାରୁ ଅଧିକ ନକରିବା ପାଇଁ ଅନ୍ଦୋଳନକୁ ଓହ୍ଲାଇଥିଲା । ୟୁନିୟନର ସମସ୍ୟ ବଡ଼ ଧରଣର ହରତାଳ କରିଥିଲେ । ଏହି ସମୟରେ ଚିକାଗୋର ହେ'ମାର୍କେଟରେ ବୋମା ବିସ୍ଫୋରଣ ହୋଇଥିଲା । ବୋମା ବିସ୍ଫୋରଣ କିଏ କରିଥିଲା, ସେକଥା କାହାକୁ ମଧ୍ୟ ଜଣାନଥିଲା । ମାତ୍ର ପ୍ରଦର୍ଶନକାରୀଙ୍କ ଉପରେ ଆଖିବୁଜା ଗୁଳିବର୍ଷା କରିଥିଲା ପୋଲିସ । ଆନ୍ଦୋଳନକୁ ରୋକିବା ପାଇଁ ପୋଲିସର ଏପରି କାର୍ଯ୍ୟାନୁଷ୍ଠାନରେ ବହୁ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା । ତେଣୁ ଏହି ଆନ୍ଦୋଳନରେ ଶହୀଦ ହୋଇଥିବା ଶ୍ରମିକଙ୍କୁ ମନେରଖିବା ପାଇଁ ପ୍ରଥମ ଥର ପାଇଁ ଶ୍ରମିକ ଦିବସ ପାଳନ କରାଗଲା । ଏହାପରେ ପ୍ୟାରିସରେ ୧୮୮୯ରେ ଅନ୍ତର୍ଜାତୀୟ ସମାଜବାଦୀ ସମ୍ମିଳନୀରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରିବାକୁ ଘୋଷଣା କରାଗଲା । ହେ'ମାର୍କେଟରେ ହୋଇଥିବା ନରସଂଘାରରେ ମୃତ୍ୟୁବରଣ କରିଥିବା ନିର୍ଦ୍ଦୋଷ ଶ୍ରମିକଙ୍କୁ ମନେରଖିବା ପାଇଁ ଶ୍ରମିକ ଦିବସ ପାଳନ କରାଯିବାକୁ କୁହାଯାଇଥିଲା । ଏହି ଦିନ ସମସ୍ତ ଶ୍ରମିକଙ୍କ ଛୁଟି ରଖିବାକୁ ନିଷ୍ପତ୍ତି ମଧ୍ୟ ହୋଇଥିଲା। ଆଉ ଏବେ ଭାରତ ସମେତ ବିଶ୍ୱର ୮୦ରୁ ଉର୍ଦ୍ଧ୍ୱ ଦେଶ ଶ୍ରମିକ ଦିବସ ପାଳନ କରୁଛନ୍ତି । ଭାରତରେ ୧୯୨୩ ମସିହାରୁ ଭାରତରେ ଶ୍ରମିକ ଦିବସ ପାଳନ କରାଯାଉଛି । ଭାରତୀୟ ମଜଦୁର କିସାନ ପାର୍ଟି ନେତା କାମରେଡ ସିଙ୍ଗାରାଭେଲୁ ଚେଟ୍ୟାର ଚେନ୍ନାଇରେ ଏହାକୁ ଆରମ୍ଭ କରିଥିଲେ । ମନ୍ଦ୍ରାସ ହାଇକୋର୍ଟ ସମ୍ମୁଖରେ ମଜଦୁର କିସାନ ପାର୍ଟି ଦ୍ୱାରା ବଡ଼ ଧରଣର ପ୍ରଦର୍ଶନ କରାଯାଇଥିଲା। ଦତ୍ତତ୍ରେୟ ନାରାୟଣ ସାମନ୍ତ, ଜର୍ଜ ଫର୍ଣ୍ଣାଣ୍ଡିସ ଇତ୍ୟାଦି ନେତା ଏହାର ନେତୃତ୍ୱ ନେଇଥିଲେ । ଭାରତରେ ମଧ୍ୟ ଶ୍ରମିକ ଦିବସ ପାଳନ କରିବା ସହ ଛୁଟି ରଖିବାକୁ ସଙ୍କଳ୍ପ ପାରିତ ହୋଇଥିଲା ।

# ଚକ୍ରବ୍ୟୁହରେ କୃଷକ ଓ ଚାଷର ଭବିଷ୍ୟତ


ସୁବାସ କୁମାର ତାରଣିଆଁ
ମୋ : ୮୩୨୮୮୪୦୨୧୪
କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର

ଭାରତ ଏକ କୃଷି ପ୍ରଧାନ ଦେଶ। ଭାରତର ଶତକଡ଼ା ୭୫ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଏକଦା କୃଷିଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କୃଷିଜୀବି ରାଷ୍ଟ୍ର ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଦେଶର ୧୨୦ କୋଟି ଜନତା ଖାଦ୍ୟ ଉପରେ ନିର୍ଭର କରିଥାନ୍ତି। କାରଣ ବିନା ଖାଦ୍ୟରେ ମଣିଷ ଜୀବନ ଯାପନ କରିବା ଅସମ୍ଭବ। ତେଣୁ ଚାଷୀମାନେ ହିଁ ଖାଦ୍ୟର ଅଭାବକୁ ପୂରଣ କରିଥାନ୍ତି। ସେଥିପାଇଁ ଚାଷୀଙ୍କୁ ଅନ୍ନଦାତା ବୋଲି କୁହାଯାଏ। ଓଡ଼ିଶାରେ ସାଧାରଣତଃ ଧାନ, ବିରି, ମୁଗ, କୋଳଥ, ହରଡ଼, ନଳିତା, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ କରାଯାଇଥାଏ। 'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ' ଏହି ଉକ୍ତିଟିକୁ ପ୍ରମାଣିତ କରି ଚାଷୀଟି ବଢି ଭୋରରୁ କଂସାଏ ପଖାଳ ଓ ଶାଗଭଜା ଖାଇ ତାର ଅତି ଆପଣାର ସାଥୀ ବଳଦଙ୍କୁ ଯୋଚି ଲଙ୍ଗଳ ଧରି ବିଲକୁ ଯାଏ ଚାଷ କାମ ପାଇଁ। ଖରା ବର୍ଷାକୁ ଖାତିର ନ କରି ନିଜ ଜମିକୁ ଉର୍ବର କରି ସୁନାର ଫସଲ ଫଳାଇବା ପାଇଁ ଅହରହ ପ୍ରୟାସ କରିଥାଏ। ସମୟର ପରିବର୍ତ୍ତନ ଫଳରେ ପୁରାତନ ଚାଷ ପଦ୍ଧତିକୁ ଛାଡ଼ି ଆଧୁନିକ ପଦ୍ଧତିରେ ଉନ୍ନତମାନର ବିହନ, କୀଟନାଶକ ଔଷଧ ଓ ରାସାୟନିକ ସାର ପ୍ରୟୋଗ ମାଧ୍ୟମରେ କିପରି କମ୍ ଜମିରେ ଅଧିକ ଫସଲ ଅମଳ କରିପାରିବ ସେଥିପ୍ରତି ଅଧିକ ଦୃଷ୍ଟି ଦେଉଛି ଚାଷୀ।

ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ମଧ୍ୟ ଚାଷୀ ଅବଦାନ ଅତୁଳନୀୟ। କାରଣ ଆମ ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ପଡ଼ୋଶୀ ରାଷ୍ଟ୍ରକୁ ପଠାଯାଉଥିବା ବେଳେ ପଡ଼ୋଶୀ ରାଷ୍ଟ୍ରରେ ଉତ୍ପାଦିତ ଦ୍ରବ୍ୟ ମଧ୍ୟ ଆମ ଦେଶକୁ ଆସିଥାଏ ଯାହାକୁ ଆମଦାନୀ ଓ ରପ୍ତାନୀ କୁହାଯାଏ। ବେଳେ ବେଳେ କିଛି କୁଟନୈତିକ ଶକ୍ତି ପ୍ରୟୋଗ କରି ଅନେକ ରାଷ୍ଟ୍ର ଆମ ଦେଶକୁ ଦ୍ରବ୍ୟ ରପ୍ତାନୀ କରିବାରେ ଜାଣିଶୁଣି ସମସ୍ୟା ସୃଷ୍ଟି କରନ୍ତି। ଫଳରେ ଦେଶରେ କଳାବଜାରୀ ଓ ଅଭାବୀ ବିକ୍ରି ଦେଖାଦିଏ ଏବଂ ଏଥିପାଇଁ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହୁଏ, ଯାହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଥିବା ବେଳେ ଏହାର ଫାଇଦା ନିଅନ୍ତି କିଛି ଅସାଧୁ ବ୍ୟବସାୟୀମାନେ। ତେବେ ଯେଉଁ କୃଷକ ଦିନ ରାତି ପରିଶ୍ରମ କରି ନିଜ ରକ୍ତକୁ ପାଣି କରି ଦେଶକୁ ଖାଦ୍ୟଶସ୍ୟ ଯୋଗାଉଛି, ସେହି କୃଷକ ଏବେ ଘୋର ସଙ୍କଟ ଦେଇ ଗତିକରୁଛି ଓ ଚାଷର ଭବିଷ୍ୟତ ମଧ୍ୟ ଅନ୍ଧାରରେ। ସେହିପରି କୃଷକର ପ୍ରଧାନ ପର୍ବ ଅକ୍ଷୟ ତୃତୀୟା। ଏହି ପବିତ୍ର ଦିନରେ କୃଷକମାନେ ବଡ଼ିଭୋରରୁ ଅଖିମୁଠି ଅନୁକୂଳ କରି ନିଜ କ୍ଷେତରେ ବିହନ ବୁଣି ପ୍ରଥମେ ଚାଷ ଆରମ୍ଭ କରିଥାଏ। ଯେଉଁ ଚାଷକୁ ଅମଳ କରି କୃଷକଭାଇମାନେ ସାରା ଦେଶକୁ ଖାଦ୍ୟ ଯୋଗାଇଥାଏ। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ପବିତ୍ର ଦିନକୁ ଛୁଟି ଘୋଷଣା କରିବାକୁ କୃଷକଭାଇମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା କୃଷକମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। କାରଣ କୃଷକ ଆଜି ଉପଯୁକ୍ତ ପ୍ରୋତ୍ସାହନରୁ ବଞ୍ଚିତ। ଯଦି ଚାଷୀଙ୍କୁ ଉପଯୁକ୍ତ ପ୍ରୋତ୍ସାହନ ସହିତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇପାରିବ, ତେବେ ଜଣେ ଚାଷୀ ଭଲ ଫସଲ ଉତ୍ପାଦନ କରିପାରିବ ଓ ଚାଷ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ। କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନର ରାଶି ସାଙ୍ଗକୁ ଆବଶ୍ୟକୀୟ ସାମଗ୍ରୀ ଅଭାବରୁ ଫସଲରେ କ୍ଷତି ଘଟୁଛି ଏବଂ ଚାଷୀ ଆତ୍ମହତ୍ୟା କରୁଛି। ସେହିପରି ଦୈବ ଦୁର୍ବିପାକ ଘଟଣା ପାଇଁ ମଧ୍ୟ ଚାଷ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି। 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ'। ଜଳସେଚନ ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦିଆ ନଯିବାରୁ ଜଳ ସଙ୍କଟରୁ ଚାଷୀ ମରୁଡ଼ିର ସମ୍ମୁଖୀ ହେଉଛି ଓ ଅତ୍ୟଧିକ ବୃଷ୍ଟିପାତ ଓ ବନ୍ୟା ଫଳରେ କ୍ଷେତରେ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ଫସଲ ପଚି ନଷ୍ଟ ହୋଇଯାଉଛି। ଫଳରେ ଚାଷୀଟି ଋଣ କରି ଚାଷରେ ଲଗାଇଥିବା ପୁଞ୍ଜି ଶୁଝି ନପାରି ଆତ୍ମହତ୍ୟା କରୁଛି।

ଆମ ଦେଶରେ ସରକାରୀ ପଦପଦବୀରେ ଅବସ୍ଥାପିତ ବଡ଼ ବଡ଼ ଅଫିସରଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ କିରାଣୀ ଓ ପିଅନ ପର୍ଯ୍ୟନ୍ତ ନିଜର ଚାକିରୀ କାଳ ମଧ୍ୟରେ ନିଜର କର୍ତ୍ତବ୍ୟ ଓ କାର୍ଯ୍ୟଦକ୍ଷତା ତୁଳନାରେ ଢେର ଅଧିକ ଦରମା ପାଇବା ସହିତ ସରକାରୀ ସୁବିଧା ଯଥା ମାଗଣା ଘର, ଗାଡ଼ି, ସ୍ୱାସ୍ଥ୍ୟ ସେବା, ଇପିଏଫ୍ ଓ ଇଏସ୍ଆଇ ଇତ୍ୟାଦି ସୁବିଧା ପାଉଛନ୍ତି ଏବଂ ଅବସର ପରେ ସାରା ଜୀବନ ପେନ୍ସନ ପାଇ ସୁଖ ସ୍ୱାଚ୍ଛନ୍ଦରେ ଜୀବନ ଅତିବାହିତ କରୁଛନ୍ତି। ସେହିପରି ରାଜନୀତି କ୍ଷେତ୍ରରେ ଜନପ୍ରତିନିଧିମାନେ ମାତ୍ର ୫ ବର୍ଷ ପାଇଁ ନିର୍ବାଚିତ ହେଉଥିଲେ ମଧ୍ୟ ପାଞ୍ଚ ବର୍ଷ ମଧ୍ୟରେ ନିଜର ମୋଟା ଅଙ୍କର ଦରମା ସହିତ ଅସାଧୁ ଉପାୟରେ ପ୍ରଚୁର କଳାଧନ ଠୁଳ କରି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପେନ୍ସନ ପାଇ ଜୀବନ ଅତିବାହିତ କରନ୍ତି ଏବଂ ପାରିବାରିକ ରାଜନୀତିକୁ ଆପଣେଇ ନିଜେ ରାଜନୀତିରୁ ଦୂରେଇ ରହି ନିଜ ପୁଅ, ଝିଅଙ୍କୁ ସୁଯୋଗ ଦେଇ ଟଙ୍କାର ପାହାଡ଼ ସୃଷ୍ଟିକରି ଚଳନ୍ତି ବହୁ ବିଳାସପୂର୍ଣ୍ଣ ଅଟ୍ଟାଳିକାର ମାଲିକ ବନୁଥିବା ବେଳେ ଚାଷୀଟି ନିଜ କ୍ଷେତରୁ ଚାଷକାର୍ଯ୍ୟ ସାରି ଘରକୁ ଫେରିଲା ପରେ ଘରେ ରୋଷେଇ କରିବା ପାଇଁ ସଉଦା ନଥିବା ବେଳେ ଅର୍ଥ ଅଭାବରୁ ପୁଅର ପାଠପଢାରେ ଡ଼ୋରୀ ବନ୍ଧା ହେଉଛି, ଋଣ ପରିଶୋଧ କରିନପାରିବାରୁ ଗାଁ ସାହୁକାରଙ୍କ ଜୁଲମ୍ ଚାଷୀକୁ ଆତ୍ମହତ୍ୟା କରିବାକୁ ଏକ ପ୍ରକାର ବାଧ କରୁଛି, ପରିବାରର ଆର୍ଥିକ ସ୍ଥିତିକୁ ହୃଦୟଙ୍ଗମ କରି ଚଷା ପୁଅ ଝିଅମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନେତା, ମନ୍ତ୍ରୀମାନେ ସେମାନଙ୍କ ଝିଅ ବାହାଘରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାକୁ ଆସୁଥିବା ବେଳେ ଜଣେ କୃଷକ ନିଜ ଝିଅ ବାହାଘର ପାଇଁ ଅର୍ଥ ଅଭାବରୁ ଘରର ପଟ୍ଟା ପାଉତି ଗାଁ ସାହୁକାର ପାଖରେ ବନ୍ଧା ପକାଇଲାଣି ତ ଆଉ କେଉଁଠି ତାର ଅତି ଆପଣାର ସାଥୀ ନିଜର ବଳଦକୁ ବିକିବାକୁ ବାଧ ହେଉଛି।

ଅପର ପକ୍ଷରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଚାଷୀ ପ୍ରତି ଶକ୍ତ ଧକ୍କା ଲାଗିଛି। ଫଳରେ ଚାଷରେ ଉନ୍ନତି ଘଟିଛି ସତ, ମାତ୍ର ଚାଷୀ କିନ୍ତୁ ରସାତଳକୁ ଗତି କରୁଛି। ଟ୍ରାକ୍ଟରର ବ୍ୟବହାର ଯୋଗୁ ଚାଷୀ ତାର ବଳଦ ଓ ଲଙ୍ଗଳ ସାହାଯ୍ୟରେ ଜମିକୁ ଚାଷ କରି ଦି'ପଇସା ରୋଜଗାର କରି ନିଜର ପରିବାର ଭରଣ ପୋଷଣ କରୁଥିଲା ସେ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଆଉ ହଳ ଲଙ୍ଗଳ କ୍ଷେତରେ ଦେଖିବାକୁ ମିଳୁନାହିଁ, ବଳଦ ଏବେ ଅଦରକାରୀ ହୋଇଯାଇଛି ଏବଂ ଲଙ୍ଗଳ ଘରେ ରହି ରହି କିଛିଦିନ ପରେ ନଷ୍ଟ ହୋଇଯାଉଛି। ସେହିପରି ଧାନ ରୁଆ ସମୟରେ ଚାଷୀ ତାର ସ୍ତ୍ରୀ ଓ ପିଲାଙ୍କୁ ଧରି ଧାନ ରୋଇ କିଛି ରୋଜଗାର କରି ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ବେଳେ ଏବେ ସେ ସ୍ଥାନ ପୂରଣ କରିଛି ଧାନରୁଆ ମେସିନ୍, ଯାହା ଫଳରେ କିଛି ଶିଳ୍ପ ପ୍ରତିଷ୍ଠାନ ଓ ଟ୍ରାକ୍ଟର ମାଲିକମାନେ ମାଲେମାଲ ହେଉଛନ୍ତି। ସେହିପରି ପ୍ରଶାସନିକ ଅଧିକାରୀ, ଜମି ମାଫିଆ ଓ ଦଲାଲମାନଙ୍କ ମିଳିତ ଚକ୍ରାନ୍ତରେ ଚାଷ ଜମିର କିସମ ପରିବର୍ତ୍ତନ କରାଯାଇ ଘରବାରିରେ ପରିଣତ କରାଯାଉଛି। ଫଳରେ ଏହି ଜମି ଦଲାଲ ଓ ମାଫିଆ ମାନେ ଚାଷୀଙ୍କୁ ଧମକ ଚମକ ଦେଇ ସେମାନଙ୍କ ଜମିକୁ ଶାଗମାଛ ଦରରେ କିଣି ତାକୁ ପ୍ଲଟିଂ କରି, ଘରବାରି ଦର୍ଶାଇ ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି ଓ ଆଉ କିଛି ଜମି ଚଢା ଦର କାରଣରୁ ପଡ଼ିଆ ହୋଇ ପଡ଼ିରହୁଛି। ଫଳରେ ଚାଷୀ ଅନେକ କ୍ଷତି ସହୁଥିବା ବେଳେ ଚାଷରେ ବାଧା ସୃଷ୍ଟି ହେଉଛି ଓ 'ଜୟ ଯବାନ ଜୟ କିଷାନ' ଆଜି 'ଜୟ ଯବାନ ଜୟ ପ୍ରଶାସନ'ରେ ପରିଣତ ହୋଇଛି।

କୃଷକମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ସମାଜସେବୀ ତଥା ଉଦୀୟମାନ ଯୁବକ ପ୍ରତାପ କୁମାର ସାହୁ ନିଜ ଗ୍ରାମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହିଁପୁର ପଞ୍ଚାୟତର ମଣିଜୋରୀ ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିଥିଲେ। ବିପ୍ଲବୀ କବି ରବି ସିଂ ଓ ପ୍ରାକ୍ତନ ସାଂସଦ ମୋହନ ଜେନା ଏହି କୃଷକ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ସେହିଦିନ ଠାରୁ ପ୍ରତିବର୍ଷ କୃଷକମାନଙ୍କର ପବିତ୍ର ଉତ୍ସବ 'ଅକ୍ଷୟ ତୃତୀୟ' ଦିନ ଉକ୍ତ କୃଷକ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହଳ ପ୍ରତିଯୋଗିତା, ଗାଈ ଗୋରୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥାଏ। ସେଠାରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ଓ କୃତି କୃଷକ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥାଏ।

ଦେଶରେ ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ଅଶୀ ଭାଗ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ। କୃଷି ଦେଶର ପଚାଶଭାଗ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିଲା ବେଳେ ସେମାନଙ୍କୁ ଅବହେଳା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଅନେକ ଧାନଚାଷୀ, ମୁଗ ଚାଷୀ, ଆଖୁଚାଷୀଙ୍କ ଭଳି ଆହୁରି ଅନେକ ଚାଷୀ ଏବେ ବି ସରକାରୀ ସାହାଯ୍ୟ ସୁବିଧାକୁ ଚାହିଁ ବସିଛନ୍ତି। ଆଧୁନିକ ଜ୍ଞାନକୌଶଳ, ଉନ୍ନତମାନ ବିହନର ଅଭାବ ସହିତ ଜଳସେଚନର ସୁବିଧା, ବିଶେଷକରି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପ୍ରଦାନରେ ବିଫଳତା, ବ୍ୟାଙ୍କମାନଙ୍କ ତରଫରୁ ଋଣ ପ୍ରଦାନରେ ଅବହେଳା, ଗାଁ ସାହୁକାରର କୃଷକମାନଙ୍କ ପ୍ରତି ଜୁଲମ, ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ପାଇଁ ସ୍ଥାନ ଚିହ୍ନଟ ନ କରିବା, ଭାଗଚାଷୀମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ଜାଣିଶୁଣି ଅବହେଳା କରିବା, ଉତ୍ପାଦିତ ଦ୍ରବ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ପ୍ରତିଷ୍ଠା ନକରିବା କାରଣରୁ ଚାଷୀ ଆଜି ଦେଶର ଅନ୍ନଦାତା ହୋଇଥିଲେ ମଧ୍ୟ ତାର ଅଭାବ ଦେଖାଦେଇଛି। ଏଥିପାଇଁ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜିକରଣ କରିବା, ପ୍ରତିରାଜ୍ୟ ଓ ଜିଲ୍ଲାରେ କୃଷି ଗବେଷଣା କେନ୍ଦ୍ର ଖୋଲାଯାଇ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ସେମାନଙ୍କୁ ତାଲିମ୍ ଦେବା, ବୃଷ୍ଟି ଜଳକୁ ସଂରକ୍ଷିତ ରଖି ତାକୁ ଚାଷ ସମୟରେ ଠିକ ଭାବେ ବିନିଯୋଗ କରିବା, ବହୁ ପାରିମାଣରେ ଶୀତଳ ଭଣ୍ଡାର ନିର୍ମାଣ କରି ଉତ୍ପାଦିତ ଦ୍ରବ୍ୟସବୁକୁ ସୁରକ୍ଷିତ ରଖିବା ସହିତ ଗରିବ କୃଷକଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ଏକ କୃଷକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ଦୈବୀ ଦୁର୍ବିପାକ ଓ ଅତ୍ୟାବଶ୍ୟକ ସମୟରେ ଏହି ପାଣ୍ଠିର ସୁବିନିଯୋଗ କରିବା, ଚାଷ କ୍ଷେତ୍ରରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅକ୍ଷୟ ତୃତୀୟାକୁ ସରକାରୀ ଭାବେ ଛୁଟି ଘୋଷଣା କରିବା, ଓଡ଼ିଶାର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ କୃଷକ ମନ୍ଦିର ପ୍ରତିଷ୍ଠା କରିବା, ବିଧାନସଭାରେ ମୃତ କୃଷକମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରିବା, ସରକାରୀ ପଦାଧିକାରୀଙ୍କ ଭଳି କୁଶଳୀ ତଥା ଅଭିଜ୍ଞ ଚାଷୀମାନଙ୍କୁ ପୁରସ୍କୃତ କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଭଳି କୃଷକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଏ, ତେବେ ଯାଇ ଚାଷୀର ସବୁ ସମସ୍ୟା ଦୂର ହୋଇପାରନ୍ତା ଓ ଚାଷୀମାନଙ୍କୁ ଆଉ ଆତ୍ମହତ୍ୟା କରିବାକୁ ପଡ଼ନ୍ତା ନାହିଁ।

# ଶିକ୍ଷାନୁଷ୍ଠାନରେ ନୈତିକ ସଂସ୍କାର ପାଇଁ ଉଦ୍ୟମ ହେଉ


ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ (ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ଦିନ ଥିଲା, ଗୁରୁକୁଳାଶ୍ରମରେ ପତ୍ରକୁଡ଼ିଆରେ ରହି ଛାତ୍ରମାନେ ଶିକ୍ଷା ପାଉଥିଲେ। ଧୀରେ ଧୀରେ ବିଦ୍ୟାଳୟଗୁଡ଼ିକର କଳେବର ବଦଳିଲା - ମାଟିକାନ୍ଥ ନଡ଼ାଛପର ଘର, ପଥରକାନ୍ଥ, ଟାଇଲ୍, ଟିଣଛପର ଘର। ଏକଦା ମାଟି ଚଟାଣରେ ବା ସିମେଣ୍ଟ୍ ଚଟାଣରେ ବସି ଛାତ୍ରମାନେ ପାଠ ପଢୁଥିଲେ । କ୍ରମେ କ୍ରମେ ବିଦ୍ୟାଳୟଗୁଡ଼ିକରେ ଗ୍ରାନାଇଟ୍, ମାର୍ବଲ୍, ଟାଇଲ୍‌ବିଛା ଚଟାଣ, ଇଟା ପଥରରେ କାନ୍ଥ, କଂକ୍ରିଟ୍ ଛାତ, ଦୁଇ/ତିନି/ଚାରିତାଲା କୋଠା। ମଜବୁତ୍ ବେଞ୍ଚ, ଡେସ୍କ, ଚୌକି, ଟେବୁଲ୍। ପାଚେରି, ଫାଟକ, ବଗିଚା, ପ୍ରାଶାସନିକ ଭବନ, କ୍ୟାଣ୍ଟିନ୍, ଲାଇବ୍ରେରୀ, ଛାତ୍ରନିବାସ, ଛାତ୍ରୀନିବାସ, ଅଡିଟୋରିୟମ୍, କମ୍ପ୍ୟୁଟର୍ ରୁମ୍, ସ୍ମାର୍ଟ୍‌କ୍ଲାସ୍‌ରୁମ୍, ଖେଳପଡ଼ିଆ, ଶୌଚାଳୟ, ଲାବୋରେଟୋରୀ ସବୁଠି ଖୁବ୍ ଆଧୁନିକ ସାଜସଜ୍ଜାର ସ୍ପର୍ଶ ।

ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ତଦନୁରୂପ ସଜ୍ଜୀକରଣ । ବାତାନୁକୂଳ କୋଠରିରେ ବସିବସି ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ଚେହେରା, ଚାହାଣି, ଚଳଣିରେ ଗୋଟେ ଚମକପ୍ରଦ ଚଟୁଳତା ଭରିଗଲା କି ସତରେ ! ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କୋଠାବାଡ଼ିର ଏ ଯେଉଁ ନବକଳେବର ହେଲା ସେଥିରେ ମୁଖ୍ୟ ଭୂମିକାରେ ରହିଲେ କିଛି ପ୍ରଭାବଶାଳୀ ଲୋକ । ସେମାନେ ଅର୍ଥନୀତି ନିର୍ଣ୍ଣୟ କଲେ, ଶିକ୍ଷାନୁଷ୍ଠାନଟାକୁ ନାନା ରଙ୍ଗରେ ରଙ୍ଗେଇ ଗୋଟେ ମନୋରଂଜକ ପାର୍କରେ ପରିଣତ କରିଦେଲେ, ସ୍କୁଲ୍ କଲେଜ ୟୁନିଭର୍ସିଟି ସବୁକୁ କ୍ରିକେଟ୍ ଫିଲ୍ଡ ଭାବି ନିର୍ଭୟରେ ବୋଲିଂ ବ୍ୟାଟିଂ କଲେ, ଆଉକିଛି ଲୋକ ନିର୍ବିଘ୍ନରେ ସେମାନଙ୍କୁ ପ୍ରୋତ୍ସାହିତ କଲେ ଓ ସେପରି କରିବାକୁ ପୂର୍ବ ଜନ୍ମର ସୁକୃତ ବିଚାର କଲେ। ଯେଉଁ ଋତୁରେ ଛାତ୍ରମାନେ ପାଠ ପଢ଼ି ପରୀକ୍ଷା ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେବାର କଥା, ସେ ଋତୁରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଁରେ ମନୋମୁଗ୍ଧକର ମଞ୍ଚ ତିଆରି ହେଲା, ଗୀତବାଦ୍ୟର ବ୍ୟୟବହୁଳ ଆୟୋଜନ ହେଲା, ବହୁଦିନର ଅବଦମିତ ପ୍ରବୃତ୍ତିଗୁଡ଼ାକର ପୂର୍ଣ୍ଣ ପ୍ରକଟନ ହେଲା ଯେତେବେଳେ ଛାତ୍ର ସେମାନଙ୍କ ଶିକ୍ଷାଦାତାଙ୍କ ସହିତ ମିଶି ମଞ୍ଚରେ ମନଭରି ନାଚିଲେ, ଅନ୍ତରଙ୍ଗ ନାଚର ଫଳସ୍ୱରୂପ ସମସ୍ତେ ଗଳଦ୍‌ଘର୍ମ ହେଲେ । ମାଙ୍କଡ଼ମାନେ ଉତ୍ତେଜିତ ହୋଇ ଗଛର ଏ ଡାଳରୁ ସେ ଡାଳକୁ ଡେଇଁଲାବେଳେ ଶିଶୁମାନେ ଆମୋଦିତ ହେଲା ଭଳି, କିଛି ଲୋକ ଛାତ୍ର-ଶିକ୍ଷକଙ୍କ ନାଚ ଦେଖି ଆମୋଦିତ ହେଲେ ସତ, ଅଥଚ ଆଉକିଛି ଲୋକ ପରସ୍ପରକୁ ପଚାରିଲେ, ଏ ସଂସ୍କୃତିଛଡ଼ା ନାଚଗୁଡ଼ା ଶିକ୍ଷାନୁଷ୍ଠାନର ଟ୍ରୁ (ପ୍ରକୃତ) ପ୍ରହସନ ନୁହେଁ ତ ? ସତ କହିବାକୁ ଗଲେ, ଦୀର୍ଘ ସମୟ ନାଚୁଥିବା ବରିଷ୍ଠ କନିଷ୍ଠମାନଙ୍କ ଦେହଗୁଡ଼ା ହଟ୍ ହେଲା ସିନା, ସବୁଦିନ ପାଇଁ ଶିକ୍ଷାନୁଷ୍ଠାନର ଚରିତ୍ର-ପଞ୍ଜିକାରେ ନାଚଟା ଗୋଟେ ବ୍ଲାକ୍ ସ୍ପଟ୍ ହୋଇ ରହିଗଲା। କିଛି ପ୍ରଭାବଶାଳୀ ଲୋକ ମିଳିମିଶି ମନ୍ତ୍ରଣା କଲେ, କହିଲେ, 'ଶିକ୍ଷାୟତନରେ ଛାତ୍ରସଂସଦ ଗଢ଼ା ନହେଉ, ପିଲାମାନେ ପାଠ ପଢ଼ନ୍ତୁ', କିନ୍ତୁ ଯାହା ଦେଖାଯାଉଛି ମାସମାସ ପାଠପଢ଼ା ବନ୍ଦ, ସଂପୃକ୍ତ ସମସ୍ତେ ନିଃସଙ୍କୋଚରେ ନାଚୁଛନ୍ତି, ଗହନ ପ୍ରୀତିର ଗୀତ ଗାଉଛନ୍ତି, ନାଚଗୀତ ତାତିରେ ଧୂଳି ଉଡୁଛି, ଧୂଆଁ ଉଠୁଛି, ଅନୁଷ୍ଠାନ ଅଣନିଃଶ୍ୱାସୀ ହେଉଛି । ସାଧାରଣ ଲୋକ ଦେଖୁଛନ୍ତି କିଛି ପ୍ରଭାବଶାଳୀ ଲୋକଙ୍କ ଅନେକ ଚାଲ୍ । କିଛି ପ୍ରଭୁ, ବଡ଼ପଣ୍ଡାଙ୍କ ମୁଣ୍ଡକୁ ଆଉ ଗୋଟେ କଥା ଲହଡ଼ି ଭଳି ମାଡ଼ିଆସିଲା। ପୁରାଣ ବର୍ଣ୍ଣିତ ଦେବଦେବୀ, ଭାଷା, ସାହିତ୍ୟର ଟେକ ରଖିବା ପାଇଁ ସେମାନେ ନୂଆ ଭେକ ଧରି ଘରୁ ବାହାରି ଆସିଲେ ଓ ନିର୍ଦ୍ଦେଶ ଦେଲେ ଶିକ୍ଷାନୁଷ୍ଠାନରେ ଅତିଥିମାନଙ୍କୁ ଡାକି ପୁରାଣର ଦେବଦେବୀଙ୍କ କଥା, ପ୍ରାଦେଶିକ ଭାଷା ସାହିତ୍ୟ ଐତିହ୍ୟ ସଂସ୍କୃତି କଥା ଆଲୋଚନା କର । ଅତିଥିମାନଙ୍କ ଯିବା ଆସିବା ଖାଇବା ଖର୍ଚ୍ଚ ବହନ କର । ସେମାନଙ୍କୁ ବକ୍ତବ୍ୟ ବାବଦରେ ପାରିଶ୍ରମିକ ଦିଅ । ପିଲାମାନେ ଆଲୋଚନା ଶୁଣନ୍ତୁ । ପିଲାଙ୍କ ପାଇଁ ବକ୍ତୃତା, କବିତା, ପ୍ରବନ୍ଧ, କାହାଣୀ, ନୃତ୍ୟ, ଗୀତ ପ୍ରତିଯୋଗିତା ଆୟୋଜନ କର, ସେମାନଙ୍କୁ ସାର୍ଟିଫିକେଟ୍ ଦିଅ ଇତ୍ୟାଦି ଇତ୍ୟାଦି ।" ପ୍ରଭୁମାନଙ୍କ ମୌଖିକ ଅମୃତ ଆଦେଶ, ବଡ଼ପଣ୍ଡାମାନଙ୍କ ଲିଖିତ ଅଲଂଘ୍ୟ ନିର୍ଦ୍ଦେଶ ପାଇ ଶିକ୍ଷାନୁଷ୍ଠାନର ପଦାଧିକାରୀମାନେ, ଯେଉଁମାନେ ଆଜ୍ଞାବହ, ଏକାନ୍ତ ଅନୁଗତ, ବିନୀତ, ବିଶ୍ୱସ୍ତ ପ୍ରାଣୀ ଭାବରେ ପରିଗଣିତ, ସେମାନେ ଅତିଥି, ବକ୍ତା ଯୋଗାଡ଼ କଲେ, ଆଲୋଚନା-ସଭାର ଆୟୋଜନ କଲେ । ଅମନୋଯୋଗୀ, ଅସ୍ଥିରଚିତ୍ତ ଶିକ୍ଷକ, ଶିକ୍ଷାକର୍ମୀ, ଶିକ୍ଷାର୍ଥୀମାନଙ୍କ ମେଳରେ ଅସଜଡ଼ା ମାଇକ୍ରୋଫୋନ୍‌ରେ କିଏ କ'ଣ କହିଲା, କିଏ କ'ଣ ଶୁଣିଲା, ବୁଝିଲା, କିଏ କେତେ ଲାଭ ପାଇଲା, କାହାର କେତେ କ୍ଷତି ହେଲା ତା'ର ଆଦି ଅନ୍ତ ଜଣାପଡ଼ିଲା ନାହିଁ । କେହି କେହି ଚ୍ସର୍, ସେକ୍ସପିୟର, ମିଲ୍‌ଟନ୍, ଓ୍ୱାର୍ଡ୍‌ସ୍‌ୱାର୍ଥ ଶବ୍ଦଗୁଡ଼ିକୁ ଶତକଡ଼ା ଶହେ ଠିକ୍ ଉଚ୍ଚାରଣ କଲାବେଳେ ଆଦିକବି ସାରଳା, କବି ସମ୍ରାଟ ଉପେନ୍ଦ୍ର, ବିଦଗ୍ଧ କବି ଅଭିମନ୍ୟୁ, କାନ୍ତକବି ଲକ୍ଷ୍ମୀକାନ୍ତ ଶବ୍ଦଗୁଡ଼ିକୁ ସମ୍ପୂର୍ଣ୍ଣ ଭୁଲ୍ ଉଚ୍ଚାରଣ କରି ସଭାସ୍ଥଳରେ ବିଶ୍ୱର ସର୍ବବୃହତ୍ ବିସ୍ମୟ ସର୍ଜନା କଲେ, ଯେଉଁ ସଭାରେ ଥିଲେ ସେହି ଭାଷାରେ ଖୁବ୍ ଓଜନ୍‌ଦାର୍ ପୁରସ୍କାରପ୍ରାପ୍ତ ସମ୍ବର୍ଦ୍ଧିତ ମାନ୍ୟଶ୍ରେଷ୍ଠ ସାହିତ୍ୟରଥୀ ମହାରଥୀମାନେ, ସମସ୍ତେ ନିରବରେ ବସି ଶୁଣୁଥିଲେ ଭୁଲ୍ ଉଚ୍ଚାରଣଗୁଡ଼ିକୁ, କେହି ପ୍ରତିବାଦ କରୁନଥିଲେ କାଳେ ଭବିଷ୍ୟତରେ ଆଉ କୌଣସି ପୁରସ୍କାରରୁ ବଞ୍ଚିତ ହୋଇଯିବେ କି ବୋଲି ଭାବି, ଯାହା ଥିଲା ଗୋଟେ ଜାତି ଆଉ ତା'ର ଭାଷା ସାହିତ୍ୟ ପାଇଁ ଘୋର ଅମର୍ଯ୍ୟାଦାଜନକ। କେଉଁଠି କେଉଁଠି ଭିନ୍ନଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରମାନଙ୍କୁ ଯେଉଁ ସାର୍ଟିଫିକେଟ୍ ଦିଆଗଲା, ତା' ପଛପଟରେ ଛପାଯାଇଥିଲା ଗୋଟେ ଗୋଟେ ପ୍ରଭାବଶାଳୀ ଲୋକଙ୍କ ମନପସନ୍ଦ ପ୍ରିୟ ଦଳର ଚିହ୍ନ। ନଈ, ନାଳ, ପୋଖରୀରେ ବନିଶୀ କଣ୍ଟାରେ ମାଛ ଧରୁଥିବା ଲୋକ ଜିଅଳ ପକାଇ ବାଳିଆ ମାଡ଼ିବସିଲା ଭଳି କିଛି ଲୋକ ଛାତ୍ରମାନଙ୍କ ହାତରେ ଖଣ୍ଡେ ଖଣ୍ଡେ ସାର୍ଟିଫିକେଟ୍ ଧରାଇ ଦେଇ ସେମାନଙ୍କ ମନପସନ୍ଦ ଦଳ ପାଇଁ ସମର୍ଥନ ଯୋଗାଡ଼ କରୁଛନ୍ତି କି, ସତକୁ ସତ ଏହିଭଳି ହିଁ ମନେହେଲା । କିଛି ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷା ଅବ୍ୟବସ୍ଥିତ । ମଧ୍ୟାହ୍ନଭୋଜନ, ଶିକ୍ଷାଦାନ, ଶିକ୍ଷାନୁଷ୍ଠାନ ପରିଚାଳନା, ଉଚ୍ଚ କର୍ତ୍ତୃପକ୍ଷଙ୍କ ପରିଦର୍ଶନ, ଶିକ୍ଷକ ଶିକ୍ଷାକର୍ମୀ ନିଯୁକ୍ତି ଓ ବଦଳି, ଛାତ୍ରାଭିଭାବକଙ୍କ ମାର୍ଗଦର୍ଶନ, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପରୀକ୍ଷା ପରିଚାଳନା, ଅଧ୍ୟୟନ ଓ ଗବେଷଣା, ଟିପଚିହ୍ନ ଜରିଆରେ ଷ୍ଟାଫଙ୍କ ଉପସ୍ଥିତି, ବିଦ୍ୟାର୍ଥୀଙ୍କ ବିଦ୍ୟାକୁ ଅର୍ଥକରୀ କରିବାର ଯୋଜନା ଅର୍ଥାତ୍ ଚାକିରି ପାଇଁ କ୍ୟାମ୍ପସ୍‌ରେ ସିଲେକ୍‌ସନ୍ ପ୍ରକ୍ରିୟା, ସେମିନାର୍ ସିମ୍ପୋସିୟମ୍ ଆୟୋଜନ, ଅନୁଷ୍ଠାନର ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଡେଭେଲପ୍‌ମେଣ୍ଟ ପାଇଁ ମଂଜୁରୀ ଅର୍ଥର ବିନିଯୋଗ, ନେତୃତ୍ୱ ସୃଷ୍ଟି ପାଇଁ ଛାତ୍ର ସଂସଦ ଗଠନ, ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିକ୍ଷା, ର୍‍ୟାଗିଂ ଓ ଯୌନ ନିର୍ଯାତନା ନିରାକରଣ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଅବହେଳା, ଅନିୟମିତତା, ଅବାଞ୍ଛିତ ବାହ୍ୟଚାପ, ଅର୍ଥ ତୋଷାରପାତ ଇତ୍ୟାଦି ।

ସାଧାରଣ ଲୋକଙ୍କ ପାଇଁ ହାସ୍ୟୋଦ୍ଦୀପକ ହୋଇପାରେ, କିନ୍ତୁ ଶିକ୍ଷାଜଗତ ପାଇଁ ଲଜ୍ଜାଦାୟକ ଗୋଟେ କଥା - ବାୟୋମେଟ୍ରିକ୍ ସିଷ୍ଟମ୍‌ରେ ପୂର୍ବାହ୍ଣରେ ଅଙ୍ଗୁଳି ଛାପ ଦେଲାପରେ କିଛି ଉଚ୍ଚଶିକ୍ଷିତ ଶିକ୍ଷକ ଶିକ୍ଷାୟତନରୁ କେଉଁଆଡ଼େ ଉଭାନ୍ ହୋଇଯାଉଛନ୍ତି, ପୁଣି ନିର୍ଦ୍ଦିଷ୍ଟ ସମୟ ପରେ ଅପରାହ୍ଣରେ ଶିକ୍ଷାୟତନକୁ ଫେରିଆସୁଛନ୍ତି ପୁନର୍ବାର ଅଙ୍ଗୁଳି ଛାପ ଦେବାକୁ - ଏ ଦୃଶ୍ୟ ଦେଖିଲେ ପିଲାଦିନର କଥା ମନେପଡୁଛି, ସ୍କୁଲ୍‌କୁ ଭ୍ୟାକ୍‌ସିନ୍ ବା ଟୀକା ଦବା ଲୋକ ଆସିଲେ କିଛି ପିଲା ଡରି କେଉଁଆଡ଼େ ପଳାନ୍ତି, ଟୀକାଦିଆ ଗଲା ପରେ ସ୍କୁଲ୍‌କୁ ଫେରିଆସନ୍ତି - ଠିକ୍ ସେମିତି କିଛି ଶିକ୍ଷକ ଶିକ୍ଷାଦାନକୁ ଡରି କେଉଁଆଡ଼କୁ ପଳାଉଛନ୍ତି, ଶିକ୍ଷାଦାନ ସମୟ ଅତିକ୍ରାନ୍ତ ହେଲେ ଶିକ୍ଷାୟତନକୁ ଫେରିଆସୁଛନ୍ତି କି ! କେତେକ ଶିକ୍ଷାୟତନର କର୍ତ୍ତୃପକ୍ଷ କେବଳ କ୍ଷମତା, ଅର୍ଥ ଲୋଭରେ ଗଦିପକା ଚୌକିରେ ବସିଛନ୍ତି ସିନା, ଚାକିରିରୁ ଅବସର ନେବାଯାଏ ସତକୁ ସତ ଗୋଟେ ଗୋଟେ ସଖୀ କଣ୍ଢେଇ ହୋଇ ରହିଛନ୍ତି। ସାମ୍ପ୍ରତିକ ସମୟର ଆବଶ୍ୟକତାକୁ ଆଖି ଆଗରେ ରଖି ଶିକ୍ଷାୟତନରେ ଦୁଇ/ତିନି/ଚାରିତାଲା କୋଠା ତିଆରି ହେଉ । ଗ୍ରାନାଇଟ୍, ମାର୍ବଲ୍, ଟାଇଲ୍ ବିଛା ହେଉ । ପାଚେରି, ଫାଟକ, ବଗିଚା, ଖେଳପଡ଼ିଆ, ଶୌଚାଳୟ, ଲାଇବ୍ରେରୀ, ଲାବୋରେଟୋରୀ, ଅଡ଼ିଟୋରିୟମ୍, କମ୍ପ୍ୟୁଟର୍ ରୁମ୍, ସ୍ମାର୍ଟ୍ କ୍ଲାସ୍‌ରୁମ୍, ଛାତ୍ରନିବାସ, ଛାତ୍ରୀନିବାସ, କ୍ୟାଣ୍ଟିନ୍, ପ୍ରାଶାସନିକ ଭବନ ସବୁଠି ଆଧୁନିକ ସାଜସଜ୍ଜାର ସ୍ପର୍ଶ ରହୁ । ଏସବୁ ଅତ୍ୟନ୍ତ ସ୍ୱାଗତଯୋଗ୍ୟ କିନ୍ତୁ ସେଥିସହିତ ଛାତ୍ର ଓ ଶିକ୍ଷକମାନେ ଉନ୍ନତ ଜ୍ଞାନ ଓ ଉତ୍ତମ ଚରିତ୍ର ଅର୍ଜନ ନିମିତ୍ତ ଆୟାସ ଜାରୀ ରଖନ୍ତୁ । ସମାଜର ବିଭିନ୍ନ ସୋପାନରେ ଥିବା ପ୍ରଭାବଶାଳୀ ଲୋକମାନେ, ବୁଦ୍ଧିଜୀବୀ, ସଚେତନ ଛାତ୍ରାଭିଭାବକମାନେ ଶିକ୍ଷାୟତନ, ଶିକ୍ଷା, ଶିକ୍ଷକ, ଶିକ୍ଷାର୍ଥୀଙ୍କ ଉପରେ ନୈତିକ ପ୍ରଭାବ ବିସ୍ତାର କରନ୍ତୁ । ଶିକ୍ଷାୟତନରେ ସମୟ, ସମ୍ପତ୍ତି ଓ ମାନବ ସମ୍ବଳ ଶକ୍ତିର ସଦ୍‌ବିନିଯୋଗ ହେଉ । ଏକ ଶୈକ୍ଷିକ ବାତାବରଣ ପାଇଁ ଶାନ୍ତ, ଶୃଙ୍ଖଳିତ, ସଂସ୍କୃତିସମ୍ପନ୍ନ ପରିସରଟିଏ ଆବଶ୍ୟକ, ଏକଥା ସଂପୃକ୍ତ ସମସ୍ତେ ସ୍ମରଣ ରଖନ୍ତୁ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com** **City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**



ନିତ୍ୟାନନ୍ଦ ପଣ୍ଡା

# ପିଲାଙ୍କ ମହାଭାରତ-୩୧

## ବଗମୁହାଁ ଅସୁରକୁ ଭୀମ ମାରିଲେ-୨



କୁନ୍ତୀ ଫେରିଆସିଲେ ଭୀମସେନ୍ ପାଖକୁ ଓ ପରାମର୍ଶକଲେ । ଏବଂ ପୁଣି ଫେରିଗଲେ ବ୍ରାହ୍ମଣ ପାଖକୁ ।

କହିଲେ, " ତୁମେ ଯାହା କହୁଥିଲ ସତ । ଈଶ୍ୱର ମହାନ୍ । ସେ ତୁମକୁ ରକ୍ଷା କରିଛନ୍ତି । ଶୁଣ, ମୋର ପାଞ୍ଚୋଟି ପୁଅ । ଗୋଟିଏ ପୁଅକୁ ମୁଁ ପଠାଉଛି ।"

"ନା, ନା, ତୁମ ପୁଅ କାହିଁକି ଯିବ !" - ବ୍ରାହ୍ମଣ ଅରାଜି ହେଲା ।

- ମୋର ଯେଉଁ ପୁଅ ଯିବ, ତାର' ଶକ୍ତି ବହୁ ଅଧିକ, ତୁମ ବକାସୁର ଠାରୁ ଢେର୍ ବେଶୀ । ମନ୍ତ୍ର ଶକ୍ତି ବଳରେ ସେ ବକାସୁରକୁ ମାରିଦେବ । ଚିନ୍ତା କରନା । କିନ୍ତୁ ଗୋଟେ କଥା, ଏହାକୁ ଗୋପନ ରଖିବ । ନୋହିଲେ ତାର ମନ୍ତ୍ରଶକ୍ତି କ୍ଷୟ ହୋଇଯିବ । ଯାଅ, ମୋ ପୁଅ ଯିବା ପାଇଁ ପ୍ରସ୍ତୁତି କର ।"

କଥାଟି ପ୍ରଘଟ ହେଲେ, କାଳେ କୌରବ ଭାଇମାନେ ଜାଣିଯିବେ, ସେଥିପାଇଁ କୁନ୍ତୀ କଥାଟିକୁ ଗୋପନ ରଖିବାକୁ ଚାହୁଁଥିଲେ ।

ଇତିମଧ୍ୟରେ ଯୁଧିଷ୍ଠିର ଓଗେର ଭାଇମାନେ ଭିକ୍ଷାରୁ ଫେରିଆସିଥିଲେ । ସେ ଶୁଣିଲେ । କହିଲେ - ମା ! ଏ କ'ଣ କଲ ! ଭୀମସେନ୍ ଆମକୁ କେତେ ବିପଦରୁ ରକ୍ଷା କରିଥିଲା । ତାକୁ ଅସୁର ମୁହଁକୁ ପଠେଇଦେଲ !

କୁନ୍ତୀ କହିଲେ - ତୋ ଭାଇ ଭୀମ, ହିଡିମ୍ବ ରାକ୍ଷସୀକୁ କେମିତି ମାରିଥିଲା ଦେଖିନାହୁଁକି ? ମୁଁ ଭାବୁଚି ସେ ବକାସୁରକୁ ମାରିଦେବ । ତା'ଛଡ଼ା ଆମକୁ ଯିଏ ଏତେଦିନ ଧରି ଆଶ୍ରା ଦେଇଛି, ତା'ପ୍ରତି ଆମର କର୍ତ୍ତବ୍ୟ ଅଛି । ତୁ ଚିନ୍ତାକରନା । ମୋ ଭୀମ ନିଶ୍ଚୟ ସେ ଅସୁରକୁ ମାରି ଫେରିଆସିବ ।

ଭୀମ ସବୁ ଶୁଣୁଥିଲା, କିନ୍ତୁ ନୀରବ ରହିଲା ।

ଇତିମଧ୍ୟରେ, ନଗ୍ରର ଅଧିବାସୀ ବ୍ରାହ୍ମଣ ଘରକୁ ଆସିବାକୁ ଲାଗିଲେ । ସାଥିରେ ଆଣିଥିଲେ ଭାତ, ମାଂସ, ଦହିଭାଣ୍ଡ, ମଦ ଆଦି ବହୁତ ଖାଦ୍ୟ । ସେସବୁ ଖାଦ୍ୟ ବଳଦ ଗାଡ଼ିରେ ଲଦାହେଲା । ଭୀମସେନ୍ ବଳଦଗାଡ଼ି ଉପରକୁ ଉଠିଲେ । ଗାଡ଼ି ଚଳିଲା ବକାସୁରର ଗୁମ୍ଫା ଆଡେ । ଗାଡ଼ି ସହିତ ଚାଲୁଥିଲେ ବହୁ ନଗ୍ରବାସୀ । ସେମାନେ ବାଜା ବଜାଉଥିଲେ । ଯେପରି ଅସୁର ଜାଣିପାରିବ, ତା'ପାଇଁ ଖାଦ୍ୟ ଆସିଛି ।

ଗୁମ୍ଫା ଆଉ ଅଳ୍ପ ବାଟ ଅଛି । ମଣିଷମାନେ ଫେରିଆସିଲେ । ଭୀମ ଏକୁଟିଆ ଗଲେ ବଳଦ ଗାଡ଼ି ସହ । ଭୀମ ଦେଖୁଥିଲେ ମଣିଷ ଖପୁରୀ, ହାଡ, ପଚାମାଂସ ଏଣେତେଣେ ବିଛାଡ଼ି ହୋଇପଡ଼ିଛି । ଏବଂ ଦେଖିଲେ ମୁଣ୍ଡ ଉପରେ ଉଡ଼ିବୁଲୁଛନ୍ତି ଚିଲ, ଶାଗୁଣା । ଅସୁର ଖାଇସାରିବା ପରେ ସେମାନେ ସେମାନଙ୍କ ଭାଗ ପାଇବେ ।

ଭୀମସେନ୍ ଭାବିଲେ - ମୁଁ ଏହି ଖାଦ୍ୟ ତକ ଆଗେ ଖାଇଦେବି । ପରେ, ବକାସୁର ସହ ଯୁଦ୍ଧ ପରେ ଖାଦ୍ୟ ଅସନା ହୋଇଯାଇଥିବ । ସେତେବେଳେ ଖାଇ ହେବନି ।

ସେ ଗୁମ୍ଫା ଆଡକୁ ପଛକରି ଆରାମରେ ଖାଇଚାଲିଲେ ।

ବକାସୁରର ନାଲିଆ ନିଶ ଓ ଦାଢୀ । ବିରାଟ ଚେହେରା ।

ସେ ଦେଖୁଥିଲା, ତା ଆଖି ଆଗରେ ମଣିଷଟାଏ ତା'ର ଖାଦ୍ୟ ଖାଇଯାଉଛି । ସେ ଗର୍ଜନ କରି ଝପଟି ଆସିଲା ଓ ଭୀମସେନ୍‌ର ପିଠିରେ ପ୍ରଚଣ୍ଡ ବିଧା ବସେଇଲା । ବାଁ ହାତରେ ଭୀମ ତା ହାତକୁ ଛାଟିଦେଉଥାଏ ଓ ଖାଇବା ଅବ୍ୟାହତ ରଖିଥାଏ । ଅସୁର ରାଗିଲା ଓ ଗଛଟିଏ ଉପାଡ଼ି ସେଥିରେ ଭୀମକୁ ପିଟିଲାଗିଲା । ପୂର୍ବପରି ଭୀମ ବାଁ ହାତରେ ଗଛକୁ ଝାଡ଼ିଦେଉଥାଏ ଓ ଡାହାଣ ହାତରେ ଖାଇଚାଲିଥାଏ !

ଖିଆ ସରିବା ପରେ ଭୀମସେନ୍ ଉଠିଲେ ଓ ହାକୁଟି ମାରି ଅସୁରକୁ ଚାହିଁଲେ । ବାସ୍, ଆରମ୍ଭ ହେଇଗଲା ଯୁଦ୍ଧ ।

ଯୁଦ୍ଧ ଚାଲିଛି । ପେଣ୍ଡୁ ଖେଳିଲା ପରି ଭୀମସେନ୍ ଅସୁରକୁ ଖେଳିଲେ । ଅସୁର କ୍ଳାନ୍ତ ହେବା ପର୍ଯ୍ୟନ୍ତ ଏହିଭଳି ଖେଳ ସେ ଖେଳିଚାଲିଲେ । ଶେଷକୁ ତା' ପିଠି ଉପରେ ଆଣ୍ଠୁମାଡ଼ି ତା ହାତଗୋଡ଼ ଭାଙ୍ଗିଦେଲେ । ଅସୁର ମରିଗଲା ।

ତା'ପରେ ତା'ର ଶବଟିକୁ ଟାଣି ଟାଣି ସେ ନଗ୍ରର ଫାଟକ ପର୍ଯ୍ୟନ୍ତ ଆଣିଲେ । ନଗ୍ରର ଅଧିବାସୀ ଘୂରି ଘୂରି ଅସୁରର ଶବକୁ ଦେଖିଲାଗିଲେ ଓ ଭୀମସେନଙ୍କୁ ପ୍ରଶଂସା କଲେ । ନିଜର ପ୍ରଶଂସା ଶୁଣିବାକୁ ଭୀମସେନ୍ ସେଠାରେ ନଥିଲେ ।

ସେ ମାଆଙ୍କ ଆଗରେ ପୂରା ଘଟଣାଟିକୁ ବର୍ଣ୍ଣନାକଲେ ।

**ଆସ ମନେରଖିବା :** ଜଉଘର ଦୁର୍ଘଟନାରୁ ରକ୍ଷାପାଇ ପାଣ୍ଡବମାନେ ବନସ୍ତ ମଧ୍ୟଦେଇ ଯାଉଥିଲେ । ବାଟରେ ପଡ଼ିଲା 'କାମ୍ୟକବନ' । ସେଠି ରହୁଥିଲା ଜଣେ ରାକ୍ଷସ ହିଡିମ୍ବ ଓ ତାର ଭଉଣୀ ହିଡିମ୍ବା । ପାଣ୍ଡବମାନେ ଆସିଥିବା ଜାଣି ଭାଇ ହିଡିମ୍ବ ଭଉଣୀକୁ ପଠେଇଲା ଛଳକରି ନେଇଆସିବାକୁ, ଯାହାଫଳରେ ଗୋଟେ ବଢିଆ ଭୋଜିହେବ । ରାକ୍ଷସୀ ହିଡିମ୍ବା ପହଞ୍ଚି ଦେଖିଲା, ସମସ୍ତେ ଶୋଇଛନ୍ତି । କେବଳ ଭୀମସେନ୍ ଉଜାଗର ଅଛନ୍ତି । ଭାଇର ନିର୍ଦ୍ଦେଶ ସେ ଭୁଲିଗଲା ଓ ମନେମନେ ଭୀମଙ୍କୁ ଭଲପାଇଲା । ପରେ ଭୀମ ଓ ହିଡିମ୍ବର ଯୁଦ୍ଧହେଲା ଓ ହିଡିମ୍ବ ମଲା । ହିଡିମ୍ବା ଭୀମସେନ୍‌ଙ୍କୁ ବିବାହ ହେବାକୁ ଇଚ୍ଛାପ୍ରକାଶ କଲାରୁ କୁନ୍ତୀ ଦେବୀ ବିବାହ ପାଇଁ ଅନୁମତି ଦେଲେ । କିନ୍ତୁ ଭୀମଙ୍କର ସର୍ତ୍ତଥିଲା, ଗୋଟିଏ ପୁତ୍ର ଜନ୍ମ ହେବା ପରେ ସେ ଛାଡ଼ିଚାଲିଯିବେ । ଭୀମସେନ୍ ଚାଲିଗଲା ପରେ ହିଡିମ୍ବା ତପସ୍ୟାକରି ଅବଶିଷ୍ଟ ଜୀବନ ବଞ୍ଚିଥିଲା । ବର୍ତ୍ତମାନର 'ମନାଲି'ଠାରେ ଦେବୀ ହିଡିମ୍ବାଙ୍କ ମନ୍ଦିର ରହିଛି । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ବିଶ୍ୱ ଶ୍ରମିକ ଦିବସ...

*ରାମଚନ୍ଦ୍ର ବେହେରା*

ମଇ ପହିଲାରେ ଶ୍ରମିକ ଦିବସ
ପାଳିବେ ସଭିଏଁ ଗର୍ବେ
ଯା'ପାଇଁ ହସୁଛି ଏ ସୁନ୍ଦର ବିଶ୍ୱ
ତାଙ୍କୁ ସୁମରିବେ ସର୍ବେ
ତାଙ୍କରି କଠିନ ଶ୍ରମେ
ଦେଶ ଆଗଉଛି ପ୍ରଗତିର ପଥେ
ବିଶ୍ୱ କୋଣେ ଅନୁକୋଣେ ।

ସେତୁ ଓ ସଡକ ଗୃହ ଅଟ୍ଟାଳିକା
କଳ କାରଖାନା ଆଦି
ତାଙ୍କ ଶ୍ରମଦାନେ ନିର୍ମାଣ ହୁଅଇ
ଦେବାଳୟ ମସ୍‌ଜିଦ୍
ଦିବାନିଶି ଶ୍ରମ ଦେଇ
ପରିବାର ପାଇଁ ଦୂର ସହରରେ
ଦାଦନ ଖଟନ୍ତି ସେହି ।

କର୍ମକୁ ମାନନ୍ତି ଜୀବନର ଧର୍ମ
ଲହୁଲୁହ ଦେଇ ଢାଳି
ଦେଶ ହିତ ପାଇଁ ନିଜକୁ ଭୁଲନ୍ତି
ନକରନ୍ତି କେବେ ଅଳି
କରନ୍ତି ଅନ୍ୟର ହିତ
ମଣିଷ ରୂପେ ସେ ଦେବଦୂତ ସାଜି
ଦେଖାନ୍ତି କର୍ମ ବୀରତ୍ୱ ।

କର୍ମମୟ ତାଙ୍କ ସଶକ୍ତ ଜୀବନ
କର୍ମକୁ ଦିଏ ପ୍ରାଧାନ୍ୟ
ସ୍ୱଳ୍ପ ମଜୁରୀରେ ଆନନ୍ଦେ ରୁହନ୍ତି
ସୁଖେ ଦୁଃଖେ କାଟି ଦିନ
ଆଜିର ଶୁଭ ମୁହୂର୍ତ୍ତେ
ଶ୍ରମିକ ଭାଇଙ୍କ ମଂଗଳ କାମନା
କରିବା ଶ୍ରଦ୍ଧେୟ ଚିତ୍ତେ ।

ନ୍ୟୁନତମ ଦେୟ ଶ୍ରମଦାନ ସୀମା
ଲାଗୁ କରିବା ଦେଶରେ
ନୀତି ନିୟମରେ ସେ କାମ କରିବେ
ସମଗ୍ର ବିଶ୍ୱ ହିତରେ
ହାତରେ ହାତ ମିଳାଇ
ତାଙ୍କ ସୁଖମୟ ଜୀବନ ଯାତ୍ରାକୁ
ଆସରେ ଦେବା ସଜେଇ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୭୩୪୩୪୬*

## କହିଲ ଦେଖି

*ପ୍ରଶାନ୍ତ କୁମାର ନାଥ*

୧. ଅର୍ଥ ରୋଜଗାର ମାଧ୍ୟମଟିଏ
ଅନ୍ୟର ପାଇଁକି ଖଟନ୍ତି ସିଏ
ବଦଳରେ କିଛି ମଜୁରୀ ନେଇ
ନିଜର ପେଟକୁ ପୋଷନ୍ତି ସେହି
ଭାରି ପରିଶ୍ରମୀ ଅଟନ୍ତି ସିଏ
ନାମଟି ତାଙ୍କର କହିବ କିଏ ?

୨. ଏମିତି ଅଟଇ ଦିବସଟିଏ
ଶ୍ରମିକ ପାଇଁକି ପାଳିତ ହୁଏ
ଶ୍ରମିକ ମାନଙ୍କୁ ସମ୍ମାନ ଦେଇ
ଛୁଟି ଦିବସଟେ ତାଙ୍କରି ପାଇଁ
ପାରିବକି କହି ଦିବସ ମାସ
କହିଦିଅ ରଖି ଓଠରେ ହସ ।

୩. ଆଠ ଘଣ୍ଟା କାମ କରିବା ପାଇଁ
ଦାବି କରିଥିଲେ ଶ୍ରମିକ ଭାଇ
ପନ୍ଦର ଘଣ୍ଟା କାମ କରି ବର୍ଜନ
ଚାହିଁଲେ କିଛି ସେ ନୂଆ ନିୟମ
ଆନ୍ଦୋଳନଟିଏ ହୋଇଲା ଜାରି
ଧିରେ ଧିରେ ତାହା ଗଲା ପ୍ରସାରି
କେଉଁଠୁ ହୋଇଲା ଆରମ୍ଭ ତାର
ଜାଣିଥିଲେ ତାର ଦିଅ ଉତ୍ତର ।

*ସୁନ୍ଦରପୁର, ଉତ୍ତରକୂଳ ହାଟ୍,*
*ପ୍ରୀତିପୁର,ଯାଜପୁର-୭୫୫୦୧୩*
*ମୋ-୮୩୧୦୩୨୮୩୪୫*





# ନିରୀହ ଶ୍ରମିକ ଆମେ

*ଜୟନ୍ତ କୁମାର ମଲ୍ଲିକ୍*

ଶ୍ରମ କରି କରି ବିତେ ଦିନରାତି
ନିରୀହ ଶ୍ରମିକ ଆମେ
ମୁଣ୍ଡଝାଳ ତୁଣ୍ଡେ ମାରିଥାଉ ସଦା
ବୁଡ଼ି ରହିଥାଉ କାମେ ।
ଦେହର ରକତ ପାଣି କରିଦେଉ
ପେଟ ଚାଖଣ୍ଡକ ଲାଗି
ମାନ ଅପମାନ ସବୁ ସହିଯାଉ
ପାରୁନା କା' ପରେ ରାଗି ।
ସପନକୁ ପୂରା କରିବା ଆଗରୁ
ଆୟୁଷ ତ ଯାଏ ସରି
ଆହା କହିବାକୁ ନଆସନ୍ତି କେହି
ବଞ୍ଚୁ ଆମେ ମରି ମରି ।
ସରକାରଙ୍କର ଯୋଜନା ଭିତରେ
ଯାତନା ରହିଛି ଭରି -
ଅତି ଅସହାୟ ହୋଇ ଦୁଃଖ ଭୋଗୁ
ସାବତ ସନ୍ତାନ ପରି ।
ଶ୍ରମିକ ଦିବସ ପାଳନ ହୁଅଇ
ଖାଲି ମିଛ ଆଡ଼ମ୍ବରେ
କେହି ବୁଝନ୍ତିନି ଶ୍ରମିକର ମନ
ଶେଫାଳୀ ପରି ସେ ଝରେ ।

*ଶୂରଡିହ, ନନ୍ଦିପୁର*
*ଦଶରଥପୁର, ଯାଜପୁର*
*ମୋ:୯୪୩୭୮୬୫୭୨୭*

# ଦେଶ ହିତେ ଶ୍ରମିକ

*ସୁହଂସ ଭୋଇ*

ଦେଶ ହିତ ପାଇଁ ଶ୍ରମିକ ଭାଇଟି
ଦେଇଛି ସମୟ ବଳ
ଗଢିଛି ଅନେକ ସଡକ ସଉଧ
ନଦୀର ଉପରେ ପୋଲ

ହସି ହସି ପିଇ ଯାଏ ନିତି ନିତି
କାରଖାନା ଧୂଆଁ ବିଷ
ଏତିକି ଜାଣିଛି ନିଆଁରେ ଖେଳୁଛି
ଜୀବନକୁ ଦେଇ ଝାସ

ମାଘ ମାସ ଜାଡ ଟାଣ ଖରାବେଳ
ହେଉ ବା ବରଷା କାଳ
ଭୋକ ଶୋଷେ ରହି ସବୁତକ ସହି
ଦେହରୁ ବୁହାଏ ଝାଳ

ଭଙ୍ଗା ଚାଳଘର ତା'ପାଇଁ ମହଲ
ଶେଜ ଦଉଡିର ଖଟ
କେମିତି ଦେଖିବ ସୁଖର ସପନ
ରାତି ପଡିଯାଏ ଛୋଟ

ଶାଗ ପଖାଳରେ ପେଟ ପୁରେ କେବେ
ନ ହେଲେ ତ ଉପବାସ
ଥିଲେ ଆଉ ପଛେ ଅଭାବ ହଜାରେ
ରହେ ସଦା ଖୁସି ବାସ

ଦେଶର ପ୍ରଗତି ବିକାଶରେ ଅଧା
ରହିଛି ତାହାର ହାତ
ସରଳ ସଚ୍ଚୋଟ ମଳି ମୁଣ୍ଡିଆ ସେ
ଯୋଗ୍ୟ ମେହେନତି ସୁତ ।

*ପହଣ୍ଡି, ବିଜେପୁର, ବରଗଡ଼*
*ମୋ-୯୪୩୭୫୨୨୪୫୫*

# ଦେଶ ଟେକ ରଖିଥିବା

*କୀର୍ତ୍ତନ ସାହୁ*



ଥିଲେ ଜଣେ ମହାପୁରୁଷ ଆମର
ନାଆଁ ତାଙ୍କ ଗୋପବନ୍ଧୁ
ବନ୍ୟା ବାତ୍ୟା ବେଳେ ସାହାଯ୍ୟ କରନ୍ତି
ଥିଲେ ସେ ଦରିଦ୍ର ବନ୍ଧୁ ।

ଥିଲେ ମଧୁ ବାବୁ କାରଖାନା ପାଇଁ
ବଳାଉ ଥିଲେ ସେ ମନ
କାମରେ ଲୋକଙ୍କୁ ନିୟୋଜିତ କରି
ବଢାଇବା ପାଇଁ ଧନ ।

ଫକୀର ମୋହନ ଥିଲେ ସାହିତ୍ୟିକ
ବିଭିନ୍ନ ଚରିତ୍ର ଦେଖି
ଲୋକଙ୍କ ଭିତରେ ସଂସ୍କାର ଆଣିଲେ
ଗପ ଉପନ୍ୟାସ ଲେଖି ।

ଛୋଟ ପିଲାଟିଏ ବାଜିଆ ଭିତରେ
ଥିଲା ଦେଶ ପ୍ରେମ ଭାବ
ଇଂରେଜ ମାନଙ୍କୁ ପାରି କରିବାକୁ
ନେଲା ନାହିଁ ତାର ନାବ ।

ଏଇମିତି କେତେ କେତେ ଯେ ଅଛନ୍ତି
ଭଲ ଭଲ କାମ କରି
ଆମରି ହୃଦୟେ ରହି ଯାଇଛନ୍ତି
ଜୀବନରେ କଷ୍ଟ ବରି ।

ଆମେ ସେହିପରି ଜୀବନେ ଆମର
ଭଲ କାମ କରି ଯିବା
ଆମରି କଥାରେ ଆମରି କାମରେ
ଦେଶ ଟେକ ରଖି ଥିବା ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

# ଶ୍ରମିକ ଭାଇର ପାଇଁ

*ନୀଳମଣି ଚାନ୍ଦ*

ଦେଖିଥିବ ତୁମେ, ଗମଗମ ହୋଇ
ତା ଦେହରୁ ଝାଳ ଝରେ
ଶୁଣି ନ ଥିବ ତ ଚୁପ୍ ହୋଇ କେବେ
ସିଏ ବସିବାର ଘରେ
ଶାରୀରିକ ଶ୍ରମ କରେ
କରୁଥାଏ ସେବା, ଦେଖି ବୁଝି ନେବା
କହିଲେ କଥା ନ ସରେ ।

କଳ, ଯନ୍ତ୍ରପାତି ଆସିବା ଦିନରୁ
ତା କାମ ଯାଇଛି କମି
ଆଗପରି ମିଳୁନାହିଁ ରୋଜଗାର
ଉତ୍ସାହ ଯାଇଛି ଥମି
ପାରେନି ଆଗକୁ ଗମି
ଆମ ପରି ଜଣେ ମଣିଷ ସିଏରେ
ଜାଣିଛନ୍ତି ଟମି, ନମି ।

ସମସ୍ତେ କରନ୍ତି ପ୍ରଶଂସା କେତେରେ
ହେଲେ ତ ଦରଦ ନାହିଁ
ସେମିତି ରହେ ଯେ ଗରିବ ହୋଇରେ
ସାରା ଜୀବନଟି ପାଇଁ
ମଇ ଏକକୁ ଚାହିଁ
ସମସ୍ତେ କହନ୍ତି ଶ୍ରମିକ ଦିବସ
ଆମେରେ ଭୁଲିବା ନାହିଁ ।

*ମନ୍ତ୍ର ମାନୋର, ଗୋଠପାଟଣା,*
*ଭୁବନେଶ୍ୱର*
*ମୋ:୯୫୮୩୨୦୨୩୫୭*

# ସେତ ସବୁରି ମିତ

*ପ୍ରଶାନ୍ତ କୁମାର ଦାଶ*



ବିଷମଖରା ତାତିଚି ଧରା
ତଥାପି ନାହିଁ ଡର
ଟାଣଖରାରେ ଗଢୁଚି ସେତ
କେଡେ ସୁନ୍ଦର ଘର ।।

ନିଜ ଘରଠୁ ଅନେକେ ଦୂରେ
ଲାଗି ପଡିଚି କାମେ
ଦୁଃଖ ସହି ସେ ସୁଖ ବାଣ୍ଟୁଚି
ଶାନ୍ତି ପାଉଚେ ଆମେ ।।


ପଖାଳ ଦହି ଶାଗ ଭଜାରେ
କାଟୁଚି ହସି କାଳ
ମାଟି ଛାତିରେ ପଡୁଚି ଖସି
କେତେ ଯେ ଲୁହ ଝାଳ ।।

ଭଙ୍ଗାକୁଡିଆ ଘରେ ସେ ରହି
ସପନ ଦେଖେ ନିତି
ସରି ନଥାଏ ରାତି ସେ ଉଠେ
ଅଳସକରି ଇତି ।।

ଗୀତଟି ଗାଇ ଶ୍ରମିକଭାଇ
କରେ ଦୁନିଆ ହିତ
ପୋଛିଦେବା ତା ଆଖିର ଲୁହ
ସେତ ସବୁରି ମିତ ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

## ତୁମ ତୂଳୀରୁ ...



ମିତାଂଶି ମିଶ୍ର, ଶ୍ରେଣୀ-୭ମ
ବ୍ଲେସଡ୍ ସାକ୍ରାମେଣ୍ଟ ହାଇସ୍କୁଲ୍, ପୁରୀ

# ହଜିଲାଣି ପରିପାଟୀ

*ସୁଧିର କୁମାର ସାହୁ*

ହଜିଲାଣି ଗାଁର ପରିପାଟୀ
ନାହିଁ ସେ ମହକ ଆଉ
କୁଣିଆ ଆସିବା ପାଇଁ ଆଗରୁ
ରାବ ଦେଉନାହିଁ କାଉ
ବାଡିରୁ ମିଳୁନି ଅନାବନା ଶାଗ
ମିଳୁନି ଜହ୍ନି କଲରା
ଚାଳରେ ଫୁଟୁନି ସୁଆଦିଆ ଛତୁ
ବାଡିଟା ପୁରା ଲଙ୍ଗଳା
ମାଣ୍ଡିଆ କଙ୍କଡା ବିଲରେ ନାହାଁନ୍ତି
କାଠ ଚୁଲି ଜଳୁନାହିଁ
ପୋଡାମାଛ ମଜା ପାଟି ପାଉନାହିଁ
ଫୁଟୁନାହିଁ ନୀଳକଇଁ
ତୋଟା କଟାହେଲା ଛାଇ ହଜିଗଲା
ମିଳୁନି କଣ୍ଟେଇ କୋଳି
ବୋହୂ ଚୋରି ଖେଳ
ନାହିଁ ସାଙ୍ଗମେଳ
ଦିଶୁନି ପିଲାଙ୍କ କଳି ।

*ଜଟଣୀ, ଖୋର୍ଦ୍ଧା*



ବିଜୟଲକ୍ଷ୍ମୀ ପାଣିଗ୍ରାହି

# ହାପ୍ପି ଜର୍ଣ୍ଣି



ଜୟପୁରରୁ ବୋରିଗୁମ୍ମା ଯିବା ଜାତୀୟ ରାଜପଥ ପାର୍ଶ୍ୱରେ ପଡେ ଜୟପୁର ରେଳଷ୍ଟେସନ୍ । ଷ୍ଟେସନ୍‌ର ପୂର୍ବ ପଟେ ପ୍ରବେଶ ଦ୍ୱାର ରହିଛି ସତ ହେଲେ ରାଜପଥର ପଶ୍ଚିମ ପାର୍ଶ୍ୱ ଦେଇ ଅନେକ ଯାତ୍ରୀ ପହଞ୍ଚନ୍ତି । କାରଣ ଅର୍ଥ ଏବଂ ସମୟ ଉଭୟ ବଞ୍ଚାଇ ଜାତୀୟ ରାଜପଥରୁ ଷ୍ଟେସନ୍‌କୁ ଚାଲି ଚାଲି ଯାଇହେବ ଅଳ୍ପ ସମୟରେ ।

ସେଦିନ ଅଟୋ ମିଳୁ ନ ଥାଏ । ବାଲୁଗାଁ ଯିବାକୁ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଟିକେଟ୍ ହୋଇସାରିଛି । ଜୟପୁର ପୁରୁଣା ଚେକ୍ ଗେଟ୍ ଠାରୁ ଲକ୍ଷ୍ମୀ ବସ୍‌ରେ ବସି ଯୁଭି, ମାଆ ଓ ବଡ଼ମାଆ ସହିତ ମାମୁଁ ଘରକୁ ବାହାରିଛି । ମୁଣ୍ଡ ପିଛା ପାଞ୍ଚ ଟଙ୍କା ହିସାବରେ ବଡ଼ମାଆ କଣ୍ଡକ୍ଟରକୁ ବସ୍‌ଭଡା ଦେବା ଦେଖୁ ଦେଖୁ ଷ୍ଟେସନ୍ ଛକ ଅତିକ୍ରମ କରିଗଲାଣି ବସ୍ । ଏହା ଦେଖି ଯୁଭି ପାଟି କରି ଉଠିଲା ।

-ଆମ ଷ୍ଟପେଜ୍ ପଳେଇଗଲା । ବସ୍ ରଖ, ଏଇଠି ରଖ । ହେଲ୍‌ପର ବସ୍ ଅଟକାଇଲା ବେଳକୁ ବସ୍ କିଛି ବାଟ ଆଗକୁ ଯାଇସାରିଥାଏ । ମାଆ ତା'ର କହି ଉଠିଲେ, 'ଉମୁରି ଷ୍ଟେସନ୍ ଛକରେ ରଖିବାକୁ କହିଥିଲି ନା ? ଏବେ ଆମେ ଏତେବାଟ କେମିତି ଯିବୁ ? ପୁଣି ସମୟ ହୋଇଗଲାଣି । ଅଟୋ ଛକରେ ଥିଲା, ଏଠାରେ ତ ମିଳିବ ନାହିଁ ।'

ଚିନ୍ତା ନକରିବାକୁ କହି ବଡ଼ମାଆ ବୁଝାଇ ଦେଲେ । ବ୍ୟସ୍ତ ହୁଅନାହିଁ ଆମେ ପଛ ପାଖରେ ଗଲେ ଠିକ୍ ସମୟରେ ପହଞ୍ଚି ପାରିବା ।

ଏହା ଶୁଣି ହେଲ୍‌ପରର ଇସାରା ପାଇ ଡ୍ରାଇଭର୍ ବସ୍ ଆଗକୁ ନେଲା । ରେଳ ବ୍ରିଜ୍ ଅତିକ୍ରମ କରିବା ପରେ ଷ୍ଟେସନ୍‌ର ପଛ ରାସ୍ତାରେ ଥିବା ତିନୋଟି ଗଛକୁ ଦେଖି ଯୁଭି ଆଖି-ପାଟିକୁ ଖୋଲି ଚାହିଁ ରହିଲା । ମାଆଙ୍କର ମୁହଁକୁ ନିଜ ହାତରେ ବୁଲେଇ ଦେଇ ଅଦୂରରେ ଥିବା ଗଛମାନଙ୍କୁ ଦେଖାଇଲା ।

'ଆରେ ବାଃ ! କି ସୁନ୍ଦର ହୋଇଛି !' ଏ କଥା ଶୁଣି ହଳ ହଳ ଆଖି ସେ ଆଡକୁ ଚାହିଁ ରହିଲେ । ଧୀରେ ଧୀରେ ସେ ଦୃଶ୍ୟ ଅପସରିଗଲା ବେଳକୁ ବସ୍ ହେଲ୍‌ପର୍ ପାଟିରେ ସିଟିମାରି ଗାଡି ଅଟକାଇଲା । ତା'ପରେ ବଡ଼ମାଆ ତଳକୁ ଓହ୍ଲାଇଲେ ବ୍ୟାଗ୍ ଧରି । ତାଙ୍କ ପଛେ ପଛେ ମାଆ ଓ ଯୁଭିକୁ ଓହ୍ଲାଇ ବସ୍ ଚାଲିଗଲା ତା' ରାସ୍ତାରେ । ବଡମାଆ ଦୁଇଟି ବ୍ୟାଗ୍ ଧରି ଖଣ୍ଡେ ଦୂର ଚାଲିଗଲେଣି । ମାଆ ଯୁଭିର ହାତ ଟାଣି ଟାଣି ଆଗକୁ ଚାଲୁଛନ୍ତି ହେଲେ ଯୁଭି ପଛକୁ ଚାହିଁ ଚାହିଁ ଯାଉଛି ସତେ ଯେମିତି ସେ କାହାକୁ ଛାଡି ଚାଲିଯାଉଛି । ଅଳ୍ପ ସମୟରେ ଷ୍ଟେସନ୍‌ରେ ପହଞ୍ଚି ଓଭର୍ ବ୍ରିଜ୍ ଦେଇ ସମସ୍ତେ ପ୍ଲାଟ୍‌ଫର୍ମ- ୨ କୁ ଗଲେ । ସେତେବେଳକୁ ଟ୍ରେନ୍ ପହଞ୍ଚି ସାରିଥିଲା । S- ୨ ବଗିରେ ଚଢ଼ିଗଲେ ସମସ୍ତେ ଖୁବ୍ ଶୀଘ୍ର । ସିଟ୍ ନମ୍ବର ଦେଖି ବଡମାଆ ଇସାରା ଦେଲେ ବସିବାକୁ । ଯୁଭି ଦୌଡ଼ିଯାଇ ଝରକା ପାଖ ସିଟ୍‌ରେ ବସିପଡ଼ିଲା । ବାହାରକୁ ଚାହିଁ କାହାକୁ ପୁଣି ଖୋଜିବାକୁ ଲାଗିଲା । ବ୍ୟାଗ୍‌ସବୁକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖିଦେଇ ବଡ଼ମାଆ ଯୁଭି ପାଖରେ ବସି ବାହାରକୁ ଉହୁଁକି ଚାହିଁଲେ । ଯୁଭିର ମୁଣ୍ଡକୁ ଆଉଁଶି ଦେଇ ପଚାରିଲେ, 'ମୁଁ ଦେଖୁଛି ବସ୍‌ରୁ ଓହ୍ଲାଇବା ପରଠାରୁ ତୁ କାହାକୁ ଗୋଟେ ଖୋଜୁଛୁ ?'

-ବଡମାଆ ସେ ଗଛ ?

-ଓଃ...ସେ ଗଛ । ତୁ ସେମାନଙ୍କ ନାମ ଜାଣିଛୁ ?

-ଗୋଟେ ଗଛର ନାମ ଜାଣିଛି । ଲାଲରଙ୍ଗର ଫୁଲଗଛଟା କୃଷ୍ଣଚୂଡ଼ା । ସେ ଗଛ ଆମ ସାରସ୍ୱତ ବାଲ ମନ୍ଦିରରେ ଦୁଇଟା ଅଛି ।

-ଅନ୍ୟ ଦୁଇଟି ମଧ୍ୟରୁ ଧଳା ଫୁଲରେ ଭର୍ତ୍ତି ହୋଇଥିବା ଗଛଟି କୁରେଇ ଫୁଲ । ଆଉ ହଳଦିଆ ଫୁଲରେ ଭରି ରହିଥିବା ଗଛଟି ସୁନାରି ଫୁଲ ଗଛ ।

-ହଁ ବଡମାଆ, ତିନୋଟି ଯାକ ଗଛ ସୁନ୍ଦର । ହେଲେ ସବୁଠୁଁ ସୁନ୍ଦର ସୁନାରୀ ଫୁଲଗଛ ।

-ହଁ ସେମାନେ ପରା ଆମକୁ ପ୍ଲାଟ୍‌ଫର୍ମ ଆସିବାକୁ ସ୍ୱାଗତ କରୁଥିଲେ ।

-ବଡମା ! ମୁଁ ଆଜି ସେ ଫୁଲକୁ ପ୍ରଥମେ ଦେଖିଲି । ଏତେ ଖରାରେ ପାଣି ନ ପାଇ ମଧ୍ୟ ଏତେ ଫୁଲ କେମିତି ଫୁଟାଇଛି ଏ ଗଛ ?

-ସବୁ ଭଗବାନଙ୍କ ଇଚ୍ଛା । ମଣିଷକୁ ସହନଶୀଳତା ଶିକ୍ଷା ଦେବା ପାଇଁ ତାଙ୍କର ଏ ସୃଷ୍ଟି । ଏହି ସୁନାରୀ ଫୁଲ ବର୍ଷକୁ ଥରେ ସିନା ଫୁଟେ ହେଲେ ଗଛସାରା ଛାଇଯାଏ ।

ଯୁଭିର ପ୍ରଶ୍ନିଳ ଆଖିକୁ ଠଉରେଇ ବଡମାଆ କଥା ଚାଲୁ ରଖିଲେ । କହିଲେ, 'ଶୁଣ ଯୁଭି, ଆମେ ଏ ପୃଥିବୀରେ କେତେ ଦିନ ରହୁଛେ ତାହା ବଡ଼କଥା ନୁହେଁ । ବଡ଼କଥା ହେଉଛି ଆମେ କିପରି ରହୁଛେ । ସବୁ ସୁବିଧା ପାଇଲେ ତ ଆମେ ସହଜରେ ସଫଳତା ପାଇପାରିବା ହେଲେ ଅସୁବିଧା ସତ୍ତ୍ୱେ ସଫଳତା ପାଇବା ଏକ ବାହାଦୁରୀ । ଠିକ୍ ସେମିତି ଗ୍ରୀଷ୍ମଋତୁ ବ୍ୟତୀତ ଅନ୍ୟ ଋତୁମାନଙ୍କରେ ତ ଗଛ ଫୁଲ ଧରେ ହେଲେ ଜଳ ଅଭାବରେ ଡହଡହ ଖରାରେ ଦିନ ତମାମ୍ ଶିଝି ଶିଝି ଦେଖ ସେ କେମିତି ସୁନା ରଙ୍ଗର ହସ ହସୁଛି । ଗଛ ଦେହସାରା ଝରାଝରା ଫୁଲ ହିଁ ଫୁଲ । ଏହାର ବାସ୍ନା ନାହିଁ କି ଏହାକୁ କିଏ ମନ୍ଦିରକୁ ନିଅନ୍ତି ନାହିଁ ତଥାପି ଏତେ ଖରାକୁ ପ୍ରତିବାଦ ନ କରି ସହି ସହି ସେ ଫୁଟେ । ପଥିକର ନିଦାଘ କ୍ଲେଶ ଦୂରେଇବାକୁ ଯାଇ ପବନ ସହ ମିଶି ଦୋଳି ଖେଳେ । ସୁନା ରଙ୍ଗର ହସ ହସି ପଥିକ ମନରେ ଖୁସି ସଞ୍ଚାରେ । ସୁନାକୁ ଯେତେ ପୋଡିଲେ ସେ ଯେମିତି ଝକଝକ ଦିଶେ ଠିକ୍ ସେମିତି ଏ ସୁନାରି ଫୁଲ ।'

ଏବେ ଇଞ୍ଜିନ ଆଡୁ ଟ୍ରେନ୍ ସିଟି ବାଜିଲା । ଟ୍ରେନ୍ ଚକ ଆଗକୁ ବଢିବାକୁ ଲାଗିଲା । ଡାହାଣ ପାର୍ଶ୍ୱ ପ୍ଲାଟ୍‌ଫର୍ମରେ ସବୁଜ ପତାକା ଉଡାଇ କର୍ମଚାରୀ ଜଣେ ବିଦାୟଦେବା ଦେଖି ଯୁଭି ବାମ ପାଖକୁ ଝଟ୍ କରି ଚାହିଁଲା । ସେ ଦେଖିଲା, ଟ୍ରେନ୍‌ର ଗତି ବଢିବା ସହିତ ଅଦୂରରୁ ସେହି ତିନୋଟି ଗଛ ଟ୍ରେନ୍‌ର ନିକଟତର ହେଉଛନ୍ତି । ବାସ୍ ଅଳ୍ପ ସମୟ ମଧ୍ୟରେ ସେମାନେ ପଛକୁ ଚାଲିଗଲେ । ଯୁଭି ଝରକା ପାଖରେ ହାତଠାରି ସେମାନଙ୍କୁ ବିଦାୟ ଦେଲା ।

ଏହି ଦୃଶ୍ୟକୁ ସମ୍ମୁଖରେ ବସିଥିବା ମାଆ କ୍ୟାମେରାରେ କଏଦ୍ କରି ମୁରୁକି ହସୁଥିଲେ । ଯୁଭି ଏ କଥା ଜାଣି ମାଆଙ୍କ ଠାରୁ ମୋବାଇଲ୍ ଆଣି ଭିଡିଓ ଦେଖିବାକୁ ଲାଗିଲା । ସେ ଦେଖିଲା ସୁନାରି ଫୁଲ ହାତ ହଲାଇ ତାକୁ କହୁଥିଲା... 'ବାଏ ଯୁଭି ! ହାପି ଜର୍ଣ୍ଣି ।'

*ଶିକ୍ଷୟିତ୍ରୀ, ଜୟପୁର, କୋରାପୁଟ*
*ମୋ- ୮୨୪୯୪୫୦୦୫୦*

# ପହଲଗାମ ଆକ୍ରମଣକୁ ନେଇ ଆଉ ଏକ ଲଜ୍ଜାଜନକ ବୟାନ ଦେଲେ ଶାହିଦ ଆଫ୍ରିଦି

**ନୂଆଦିଲ୍ଲୀ**



ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ପାକିସ୍ତାନ ଲଗାତାର ଲଜ୍ଜାଜନକ ବୟାନ ଜାରି କରୁଛି । ପୂର୍ବତନ କ୍ରିକେଟର ଶାହିଦ ଆଫ୍ରିଦି ସମଗ୍ର ଆକ୍ରମଣ ପାଇଁ ଭାରତୀୟ ସେନାକୁ ଦାୟୀ କରିଛନ୍ତି । ଏତିକି ହିଁ ନୁହେଁ ବରଂ ଭାରତୀୟ ଗଣମାଧ୍ୟମକୁ ମଧ୍ୟ ଟାର୍ଗେଟ କରିଛନ୍ତି ।

ଏକ ସାକ୍ଷାତକାର ସମୟରେ ସେ କହିଛନ୍ତି ଯେ ମୁଁ ଆଶ୍ଚର୍ଯ୍ୟ କି ଆକ୍ରମଣର ମାତ୍ର ଗୋଟିଏ ଘଣ୍ଟା ପରେ ସେମାନଙ୍କର ଗଣମାଧ୍ୟମ ବଲିଉଡ୍ ହୋଇଗଲା । ଭଗବାନଙ୍କ ପାଇଁ, ସବୁକିଛି ବଲିଉଡ୍ କରନ୍ତୁ ନାହିଁ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି, ନଚେତ୍ ସେମାନେ ଯେଉଁଭଳି ଭାବେ କଥା କହୁଥିଲେ ତାହା ମୁଁ ଏହାର ମଜା ନେଉଥିଲି । ଶାହିଦ ଆଫ୍ରିଦି ଆହୁରି କହିଛନ୍ତି ଯେ, ଭାରତରେ ଯଦି ବାଣ ଫୁଟେ, ଲୋକମାନେ କୁହନ୍ତି ଯେ ପାକିସ୍ତାନ ଏହା କରିଛି । କାଶ୍ମୀରରେ ତୁମ ଲୋକଙ୍କର ୮ ଲକ୍ଷ ସେନା ଅଛନ୍ତି ଏବଂ ତଥାପି ଏହା ଘଟିଗଲା । ଏହାର ଅର୍ଥ ହେଉଛି ତୁମ ଲୋକମାନେ ଅଦରକାରୀ, ଅକ୍ଷମ ଯେ ତୁମେ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ପାରିଲ ନାହିଁ ।

ଶାହିଦ ଆଫ୍ରିଦି ଏହି ଆତଙ୍କବାଦୀ ଆକ୍ରମଣ ଉପରେ ଏକ ଭିଡିଓ ଜାରି କରିଛନ୍ତି । ଏଥିରେ ସେ ଭାରତକୁ ଏହି ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ପ୍ରମାଣ ମାଗୁଥିବା ଦେଖାଯାଇଛି । ସେ କହିଛନ୍ତି ଯେ ଅଭିଯୋଗ କରିବା ପୂର୍ବରୁ ଭାରତ ପ୍ରମାଣ କରିବା ଉଚିତ ଯେ ଏହି ଆକ୍ରମଣରେ ପାକିସ୍ତାନର ହାତ ଥିଲା ।

# ସିଏସ୍‌କେକୁ ୪ ୱିକେଟ୍‌ରେ ହରାଇଲା ପଞ୍ଜାବ, ଚେନ୍ନାଇର ପ୍ଲେ-ଅଫ୍ ଆଶା ଧୂଳିସାତ

**ନୂଆଦିଲ୍ଲୀ**



ଚେପକରେ ଚେନ୍ନାଇ ସୁପର କିଙ୍ଗସକୁ ୪ ୱିକେଟରେ ହରାଇଛି ପଞ୍ଜାବ କିଙ୍ଗସ । ଶ୍ରେୟସ ଆୟର ଏବଂ ପ୍ରଭସିମରନଙ୍କ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗସ ୨ ବଲ୍ ବାକି ଥାଇ ମ୍ୟାଚ୍ ଜିତି ନେଇଥିଲା । ୧୯୧ ଟାର୍ଗେଟ୍ ଜବାବରେ ପଞ୍ଜାବ ୧୯.୪ ଓଭରରେ ୬ ୱିକେଟ୍ ହରାଇ ୧୯୪ ରନ୍ କରିଥିଲା । ଆଇପିଏଲ୍ ୨୦୨୫ରେ ଚେନ୍ନାଇର ଏହା ଅଷ୍ଟମ ପରାଜୟ ହୋଇଥିବା ବେଳେ ପଞ୍ଜାବ ଷଷ୍ଠ ମ୍ୟାଚ୍‌ରେ ବିଜୟୀ ହୋଇଛି । ସିଏସକେ ଘରୋଇ ପରିବେଶରେ ତା'ର ପଞ୍ଚମ ମ୍ୟାଚ୍ ହାରିଛି । ଏହା ସହିତ ଆଇପିଏଲ ୨୦୨୫ର ପ୍ଲେ-ଅଫରୁ ବାଦ ପଡ଼ିଥିବା ପ୍ରଥମ ଦଳ ହୋଇଛି ।

୧୯୧ ରନ୍‌ର ଟାର୍ଗେଟକୁ ପିଛା କରି ପଞ୍ଜାବ କିଙ୍ଗ୍ସ ପାୱାରପ୍ଲେରେ ୱିକେଟ୍ ହରାଇଥିଲା । ପ୍ରିୟାଂଶ ଆର୍ଯ୍ୟ ୧୫ ବଲ୍‌ରେ ୨୩ ରନ୍ କରି ଆଉଟ୍ ହୋଇଥିଲେ । ପ୍ରଭସିମରନ ସିଂହ ୩୬ ବଲ୍‌ରେ ୫୪ ରନ୍ କରି ଆଉଟ୍ ହୋଇଥିଲେ । ନେହାଲ ୱାଡେରା ତିନୋଟି ୫ ରନ୍ ଓ ଶଶାଙ୍କ ୨୩ ରନ କରି ଆଉଟ ହୋଇଥିଲେ । ଅଧିନାୟକ ଶ୍ରେୟସ ଆୟର ୪୧ ବଲ୍ ?ରେ ୭୨ ରନ୍ କରିଥିଲେ । ଚେନ୍ନାଇ ସୁପର କିଙ୍ଗ୍ସ ପାଇ ଖେଳିଲ ଅହମ୍ମଦ, ପାଥିରାଣା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ ।

ପଞ୍ଜାବ କିଙ୍ଗସର ଅଧିନାୟକ ଶ୍ରେୟସ ଆୟର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗସ୍ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସାମନା କରିଥିଲା । ପାୱାରପ୍ଲେରେ ହିଁ ତିନୋଟି ୱିକେଟ ହରାଇଥିଲା । ଶେଖ୍ ରସିଦ ୧୨ ବଲରେ ୧୧ ରନ୍, ଆୟୁଷ ମହାତ୍ରେ ୬ ବଲରେ ୭ ରନ୍ ଏବଂ ରବିନ୍ଦ୍ର ଜାଡେଜା ୧୨ ବଲରେ ୧୭ ରନ୍ କରି ଆଉଟ୍ ହୋଇଥିଲେ । ଡେୱାଲ୍ଡ ବ୍ରେଭିସ୍ ୨୬ ବଲ୍‌ରେ ୩୨ ରନ୍ କରିପାରିଥିଲେ । ତେବେ ଅଲରାଉଣ୍ଡର ସାମ୍ କରନ ୪୭ ବଲରେ ୮୮ ରନର ବିସ୍ଫୋରକ ଇନିଂସ ଖେଳିଥିଲେ । କରନ ତାଙ୍କ ଇନିଂସରେ ୯ଟି ଚୌକା ଏବଂ ୪ଟି ଛକା ମାରିଥିଲେ । ଧୋନୀ ୪ ବଲରେ ୧୧ ରନ୍, ଦୀପକ ହୁଡ଼ା ୨ ରନ କରି ଆଉଟ୍ ହୋଇଥିଲେ । ଚେନ୍ନାଇ ସୁପର କିଙ୍ଗ୍ସ ୧୯.୨ ଓଭରରେ ୧୦ ୱିକେଟ୍ ହରାଇ ୧୯୦ ରନ୍ କରିଥିଲା ।

ସେପଟେ ପଞ୍ଜାବ ପାଇଁ ଚହଲ ଚମତ୍କାର ବୋଲିଂ କରି ଚେନ୍ନାଇ ସ୍କୋରକୁ ଅନୁମାନଠାରୁ କମରେ ସୀମିତ କରିବାରେ ସଫଳ ହୋଇଥିଲା । ଚହଲ ତାଙ୍କ ତୃତୀୟ ଓଭରରେ ହ୍ୟାଟ୍ରିକ୍ ସହ ୪ଟି ୱିକେଟ୍ ନେଇଥିଲେ । ଅର୍ଶଦୀପ ସିଂହ, ମାକ୍ରୋ ଅନସେନ ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ସେହିପରି ଆଜମାତୁଲ୍ଲାହ୍, ହରପ୍ରୀତ ବରାର ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

# ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ ଆନ୍ତଃକ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ଫାଇନାଲରେ ବିସିଏ ଓ କରଞ୍ଜିଆ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ବାରିପଦା ଷ୍ଟାଡ଼ିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ କନିଷ୍ଠ ପୁରୁଷ (୧୬ ଓ ୧୯ ବର୍ଷରୁ କମ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟର ୯ମ ଦିନର ମ୍ୟାଚ୍‌ରେ ବିସିଏ କ୍ଲବ୍ ରାଇରଙ୍ଗପୁର କ୍ଲବ୍‌କୁ ୬ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ରାଇରଙ୍ଗପୁର କ୍ଲବ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୨୪ ରନ ସଂଗ୍ରହ କରିଥିଲେ । ବିପକ୍ଷ ଦଳର ରୋହନ ସାହୁ ୪ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ବିସିଏ କ୍ଲବ ୮.୫ ଓଭରରେ ୪ ଉଇକେଟ ହରାଇ ୨୫ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ବିପକ୍ଷ ଦଳର ପ୍ରିୟଙ୍କ ପଟ୍ଟନାୟକ ୪ଟି ଯାକ ଉଇକେଟ ଅକ୍ତିଆର କରିଥିଲେ । ଆୟୁଷ ଗିରି ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ । ପୂର୍ବତନ କ୍ରିକେଟ ଖେଳାଳି ମନୋଜ କୁମାର ମହାନ୍ତ, କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ ଓ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଗୁରୁବାର କରଞ୍ଜିଆ ଓ ବିସିଏ କ୍ଲବ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହେବ ।

# ବୈଭବ ସୂର୍ଯ୍ୟବଂଶୀଙ୍କୁ ମର୍ସିଡିଜ-ବେଞ୍ଜ କାର୍ ଉପହାର ଦେଲେ ରାଜସ୍ଥାନ ରୟାଲ୍ସର ମାଲିକ

**ନୂଆଦିଲ୍ଲୀ**



ଆଜିକାଲି ଆଇପିଏଲରେ ଶତକ ମାରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଚର୍ଚ୍ଚାରେ ଅଛି । ୧୪ ବର୍ଷୀୟ ବୈଭବଙ୍କ ଉତ୍କୃଷ୍ଟ ପ୍ରଦର୍ଶନରେ ଖୁସି ହୋଇ, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବର୍ଠାକୁର ତାଙ୍କୁ ପୁରସ୍କାର ସ୍ୱରୂପ ଏକ ନୂତନ ମର୍ସିଡିଜ-ବେଞ୍ଜ କାର୍ ଉପହାର ଦେଇଛନ୍ତି ।

ମ୍ୟାଚ୍ ପରେ, ସୋସିଆଲ ମିଡିଆରେ ଏକ ଫଟୋ ଭାଇରାଲ ହେଉଛି । ଏଥିରେ ବୈଭବଙ୍କୁ ମର୍ସିଡିଜ ବେଞ୍ଜର ଚାବି ଦିଆଯାଉ ଥିବାର ଦେଖାଯାଉଛି । ତଥାପି, ଏହା ମର୍ସିଡିଜର କେଉଁ ମଡେଲ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ବୈଭବ ବର୍ତ୍ତମାନ ୧୪ ବର୍ଷ ବୟସର, ତେଣୁ ସେ ଆଇନଗତ ଭାବରେ ଏହି ଗାଡ଼ି ଚଲାଇ ପାରିବେ ନାହିଁ ।

ସୋସିଆଲ ମିଡିଆରେ ଶେୟାର ହୋଇଥିବା ଫଟୋରେ ଦେଖିବାକୁ ମିଳୁଛି, ରାଜସ୍ଥାନ ରୟାଲ୍ସର ମାଲିକ ରଞ୍ଜିତ ବର୍ଠାକୁର ବୈଭବ ସୂର୍ଯ୍ୟବଂଶୀଙ୍କ ସହ ଠିଆ ହୋଇଛନ୍ତି ଏବଂ ତାଙ୍କ ହାତରେ ମର୍ସିଡିଜର ଚାବି ଅଛି, ଯାହାକୁ ସେ ବୈଭବଙ୍କୁ ଦେଉଥିବାର ଦେଖାଯାଉଛି । ରଞ୍ଜିତ ବାରଠାକୁର ଆସାମର ଜୋରହାଟର ଜଣେ ବ୍ୟବସାୟୀ ଏବଂ ଏହା ବ୍ୟତୀତ ସେ ରୟାଲ ମଲ୍ଟିସ୍ପୋର୍ଟ ପ୍ରାଇଭେଟ ଲିମିଟେଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ।

ବୈଭବ ସୂର୍ଯ୍ୟବଂଶୀ ମଙ୍ଗଳବାର ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩୫ ବଲରେ ଶତକ ହାସଲ କରି ଇତିହାସ ରଚିଥିଲେ । ବୈଭବ ଟି-୨୦ କ୍ରିକେଟରେ ଶତକ ମାରିଥିବା ସବୁଠାରୁ କମ ବୟସର ଖେଳାଳି ହୋଇଯାଇଛନ୍ତି । ସୂର୍ଯ୍ୟବଂଶୀ (୧୪ ବର୍ଷ ୩୨ ଦିନ) ଏହି ରେକର୍ଡ ଭାଙ୍ଗି ମନଞ୍ଜ ପାଣ୍ଡେ (୧୯ ବର୍ଷ ୨୫୩ ଦିନ), ରିଷଭ ପନ୍ତ (୨୦ ବର୍ଷ ୨୧୮ ଦିନ) ଏବଂ ଦେବଦତ୍ତ ପଡିକ୍କଲ (୨୦ ବର୍ଷ ୨୮୯ ଦିନ)ଙ୍କୁ ପଛରେ ପକାଇ ଦେଇଛନ୍ତି ।

ଏହା ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦ୍ରୁତତମ ଶତକ । କ୍ରିସ୍ ଗେଲ୍ ୩୦ ବଲ୍‌ରେ ଶତକ ହାସଲ କରିଥିଲେ ଏବଂ ଜଣେ ଭାରତୀୟଙ୍କ ଦ୍ୱାରା ଦ୍ରୁତତମ ଶତକ, ଯାହା ୟୁସୁଫ ପଠାନଙ୍କ ୩୭ ବଲ୍‌ରେ ଶତକ ହାସଲ କରି କରିଛନ୍ତି ।

# ଟିଚର ପ୍ରିମିଅର ଲିଗ୍ ମ୍ୟାଚ୍‌ରେ ଚାମ୍ପିଅନ କୋରୁକୋଣ୍ଡା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ପଦ୍ମଗିରି ମିନି ଷ୍ଟାଡିୟମରେ ଅନୁଷ୍ଠିତ ଟିଚର ପ୍ରିମିଅର ଲିଗ୍ ମ୍ୟାଚ୍‌ରେ ଚାମ୍ପିଅନ ହୋଇଥିବା କୋରୁକୋଣ୍ଡା ଶିକ୍ଷକମାନଙ୍କୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ୫-ଖାରବେଳନଗର ଭୁବନେଶ୍ୱର ଅଧୀନରେ ଥିବା ମାଲକାନଗିରି ଜିଲ୍ଲା ତରଫରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ୍ ମିଶ୍ର, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଡ଼ା ମାଡ୍‌କାମି ଯୋଗ ଦେଇଥିଲେ । ସଂଘର ସଭାପତି ନୀଳକଣ୍ଠ ବେହେରା ସଭାପତିତ୍ୱ କରିଥିଲେ । ସମ୍ମାନିତ ଅତିଥି ଭାବେ ସମ୍ପାଦକ ଲୋକନାଥ ସାହୁ , ଆଦି ଯୋଗ ଦେଇ ବିଜୟୀ ଶିକ୍ଷକ ମାନଙ୍କୁ ଉତ୍ସାହିତ କରିବା ପାଇଁ ନିଜ ନିଜର ମତ ରଖିଥିଲେ । ତତ୍ ପରେ ଟିଚର ପ୍ରିମିୟର ଲିଗ୍‌ରେ ଚାମ୍ପିଅନ ହୋଇଥିବା ଶିକ୍ଷକ ମାନଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ମଞ୍ଚ ପରିଚାଳନା କରିଥିଲେ ସଂଘର ଯୁଗ୍ମ ସମ୍ପାଦକ ଯଚିନ୍ଦ୍ର ସ୍ୱାଇଁ ।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ସ୍କୁଲ-ଇ ବିଜୟୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ (୧୫ବର୍ଷରୁ କମ୍) କ୍ରିକେଟ ମ୍ୟାଚ୍ ସ୍କୁଲ-ଇ ଓ ସ୍କୁଲ-ସି ମଧ୍ୟରେ ଖେଳା ଯାଇଥିଲା । ଏଥିରେ ସ୍କୁଲ-ଇ ବିଜୟୀ ହୋଇଛି । ସ୍କୁଲ-ସି ପ୍ରଥମେ ଟସ୍ ଜିତି ବୋଲିଂ କରିଥିଲା । ସ୍କୁଲ-ଇ ବ୍ୟାଟିଂ କରି ୧୯.୫ ଓଭରରେ ୯ ୱିକେଟ୍ ବିନିମୟରେ ୧୦୯ ରନ୍ କରିଥିଲା । ଜବାବରେ ସ୍କୁଲ-ସି ୨୫.୨ ଓଭରରେ ୯ ଉଇକେଟ୍ ବିନିମୟରେ ୮୧ ରନ୍ କରିଥିଲା । ଫଳରେ ୨୮ ରନ୍‌ରେ ସ୍କୁଲ-ଇ ବିଜୟୀ ହୋଇଥିଲା । ସ୍କୁଲ-ଇ ଦଳର ସତ୍ୟବ୍ରତ ଦାଶ ୬.୨ ଓଭରରେ ୨ଟି ମେଡେନ ଓଭର ସହ ୧୧ ରନ୍ ଦେଇ ୫ଟି ଉଇକେଟ୍ ନେଇ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ ।

# ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର : ଦୁଇ ନାବାଳକଙ୍କ ମୃତ୍ୟୁ

**ସୋର, ନ୍ୟୁଜ୍‌ବ୍ୟୁରୋ**



ଅକ୍ଷୟତୃତୀୟାରେ ଅଘଟଣ । ଟ୍ରାକ୍ଟର ଓଲଟି ଦୁଇ ନାବାଳକଙ୍କ ମୃତ୍ୟୁ ହୋଇଛି । ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ କୁରୁଣିଆ ଗ୍ରାମରେ ଘଟିଛି ଏଭଳି ଅଘଟଣ ।

ସୂଚନାଯୋଗ୍ୟ ଯେ, ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ କୁରୁଣିଆ ଗ୍ରାମର ନୀଳକଣ୍ଠପୁର ଯିବା ବେଳେ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ପୋଖରୀ ଭିତରକୁ ଖସିଯାଇଥିଲା । ଫଳରେ ଦୁଇ ନାବାଳକଙ୍କର ମୃତ୍ୟୁ ହୋଇଛି । ମୃତକ ଦୁଇ ଜଣ ତାଳକୁରୁଣିଆ ଗ୍ରାମର ସତ୍ୟଜିତ ମଲ୍ଲିକ ମାଟ୍ରିକ୍ ପରୀକ୍ଷା ଦେଇଥିଲେ ଏବଂ ସେହି ଗାଁର ଦୀନେଶ ପାଣିଗ୍ରାହୀ ୧୦ମରେ ପଢୁଥିଲେ । ଉଭୟଙ୍କ ମୃତ୍ୟୁରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।

# ଏଲ୍‌ଓସିରେ ସୈନ୍ୟ ହ୍ରାସ କଲା ଚୀନ୍ : ଭାରତର ସ୍ଥିତି ଅନୁଧ୍ୟାନ

**ନୂଆଦିଲ୍ଲୀ**



ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ସହ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ଗୁଳି ବିନିମୟ ଓ ଉତ୍ତେଜନା ଲାଗି ରହିଥିବା ବେଳେ ତେଣେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି)ରେ ସୈନ୍ୟ ଉପସ୍ଥିତି ହ୍ରାସ କରିଛି ଚୀନ୍ । ଭାରତ-ଚୀନ୍ ସୀମା ବ୍ୟାପାର ଉପରେ ପୂର୍ବରୁ ଭାରତର ପରାମର୍ଶ ଗ୍ରହଣ କରୁନଥିବା ଚୀନ୍ ଏଲ୍‌ଓସିରୁ ଏବେ ସୈନ୍ୟ ପ୍ରତ୍ୟାହାର ଜାରି ରଖିଛି । ଏହା ଉତ୍ତେଜନା ହ୍ରାସ କରିବାର ପ୍ରକୃତ ଇଚ୍ଛା ନା ସାମ୍ପ୍ରତିକ ପରିସ୍ଥିତି ଓ ପାଣିପାଗ କାରଣରୁ ଏହା ହୋଇଛି ତାହା ଭାରତ ଅନୁଧ୍ୟାନ କରୁଛି । ଉଚ୍ଚପଦସ୍ଥ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପିଏଲ୍‌ଏ ଏହି ସମୟରେ ବଡ଼ ସମସ୍ୟା ଚାହୁଁନାହିଁ ।

ଏଲ୍‌ଓସିରେ ପିଏଲ୍‌ଏର ପ୍ରାୟ ୧୫ଟି ମିଳିତ ସଶସ୍ତ୍ର ବ୍ରିଗେଡ୍ ଥିଲା । ଚୀନ୍ ହଠାତ୍ ବଡ଼ ୟୁନିଟ୍‌ଗୁଡ଼ିକରୁ ଦ୍ରୁତ ପ୍ରତ୍ୟାହାର ଆରମ୍ଭ କରିଛି । ମିଳିତ ସଶସ୍ତ୍ର ବ୍ରିଗେଡ୍ ହେଉଛି ଏକ ଶକ୍ତିଶାଳୀ ବାହିନୀ, ଯେଉଁଥିରେ ପଦାତିକ, ଆର୍ଟିଲାରି, ଯାନ୍ତ୍ରିକ ବାହିନୀ, ବାୟୁ ପ୍ରତିରକ୍ଷା, ଇଲେକ୍ଟ୍ରୋନିକ୍ ଯୁଦ୍ଧ ଉପାଦାନ ଓ ଏପରିକି ହେଲିକପ୍ଟର ମଧ୍ୟ ରହିଛି । ଏହି ବ୍ରିଗେଡ୍‌ରେ ପାଖାପାଖି ୫ ହଜାର ଅଫିସର ଓ ଯବାନ ଥାଆନ୍ତି । ସୂଚନା ଅନୁଯାୟୀ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଓ ତାଙ୍କ ଚୀନ୍ ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ମଧ୍ୟରେ ସାକ୍ଷାତ ହୋଇଛି ଏବଂ ସେମାନେ ପୁନର୍ବାର ସାକ୍ଷାତ କରିବାର ସମ୍ଭାବନା ରହିଛି ବୋଲି କୁହାଯାଉଛି । ଏହାଦ୍ୱାରା ପରିସ୍ଥିତି ସୁଧୁରିପାରେ । ଆଗାମୀ ଦୁଇ ତିନି ମାସ ଗୁରୁତ୍ୱପୂର୍ଣ୍ଣ ବୋଲି ଅନୁଭବ କରାଯାଉଛି ।

# ବାଂଲାଦେଶୀଙ୍କ ହବ୍ ପାଲଟିଛି କେନ୍ଦ୍ରାପଡ଼ା ଜିଲ୍ଲା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ପାଲଟିଛି ବାଂଲା ଅନୁପ୍ରବେଶକାରୀଙ୍କ ହବ୍ । ହଜାର ହଜାର ଅନୁପ୍ରବେଶକାରୀ ରହୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇପାରୁନି । ନା ହେଉଛି ଚଢ଼ଉ ନା ସେମାନଙ୍କ ବେଆଇନ ଗତିବିଧି ଉପରେ ନଜର ରଖାଯାଉଛି ।

ଦୁଇ ଦଶନ୍ଧି ପୂର୍ବେ ଅର୍ଥାତ୍ ୨୦୦୪ ଫେବୃୟାରୀ ୨୮ରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେଉଁଥିରେ ମହାକାଳପଡ଼ାରେ ସର୍ବାଧିକ ୧୫୫୧ ଜଣ, ରାଜନଗରରେ ୫୧ ଓ ପଟ୍ଟାମୁଣ୍ଡାଇରେ ୪୭ ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଯଦିଓ ସରକାରୀ ଭାବେ

ସେହି ସମୟରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ୧୬୪୯ ଦର୍ଶାଯାଇଥିଲା । ବାସ୍ତବରେ କିନ୍ତୁ ବର୍ତ୍ତମାନ ଏ ସଂଖ୍ୟା ଜିଲ୍ଲାରେ ୩୦ ହଜାର ପାର୍ ହୋଇଯିବା ଆକଳନ କରାଯାଉଛି । ତଞ୍ଚକତା ପୂର୍ବକ ଆଧାର କାର୍ଡ, ରାସନ କାର୍ଡ, ପାସ୍‌ପୋର୍ଟ ସହ ସମସ୍ତ ସରକାରୀ ଅନୁପ୍ରବେଶକାରୀଙ୍କୁ ୩୦ ଦିନ ଭିତରେ ଦେଶ ଛାଡ଼ିବାକୁ କୁହାଯାଇଥିଲା । ଇତିମଧ୍ୟରେ ୨୧ ବର୍ଷ ବିତିଯାଇଥିଲେ ହେଁ ଜଣେ ହେଲେ ଦେଶ ଛାଡ଼ି ଗଲେନାହିଁ । ବିଶେଷକରି ରାଜନଗର ବ୍ଲକ୍‌ର ୫୫ ଓ ମହାକାଳପଡ଼ା ବ୍ଲକ୍‌ର ୪୧ଟି ଗ୍ରାମ୍ ଏବେ ଅନୁପ୍ରବେଶକାରୀଙ୍କ କବଳରେ ରହିଛି । ଏହାବ୍ୟତୀତ ଗଞ୍ଜାମରୁ ବାଲେଶ୍ୱର ପର୍ଯ୍ୟନ୍ତ ୪୮୦ କି.ମି. ଓ ଧାମରା ମୁହାଣରୁ ଜଗତସିଂହପୁର ଜିଲ୍ଲାର ପାରାଦୀପ ପର୍ଯ୍ୟନ୍ତ ୯୦ କି.ମି. ଅଞ୍ଚଳ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ସୁରକ୍ଷିତ ସ୍ଥାନ ପାଲଟିଥିବା ନେଇ ଅଭିଯୋଗ ହୋଇଛି । ବର୍ତ୍ତମାନ ସାରା ଦେଶରୁ ପାକିସ୍ତାନ ନାଗରିକ ଓ ବାଂଲା ଅନୁପ୍ରବେଶକାରୀଙ୍କୁ ସୁବିଧା ହାତେଇବା ସହିତ ଘର କରି ସ୍ଥାୟୀ ବାସିନ୍ଦା ତଡ଼ିବା ଅଭିଯାନ ଆରମ୍ଭ ହୋଇଥିବାବେଳେ ହୋଇଯାଇ ଥିବା ଦେଖିବାକୁ ମିଳିଛି ।

ଅନୁପ୍ରବେଶକାରୀଙ୍କ ମଧ୍ୟରୁ କେତେଜଣ ସରକାରୀ ଶିକ୍ଷକ ଚାକିରି କରିଥିବା ନଜିର ବି ରହିଛି । ପ୍ରଶାସନ ପକ୍ଷରୁ ମହାକାଳପଡ଼ା, ରାଜନଗର ପଟ୍ଟାମୁଣ୍ଡାଇ ବ୍ଲକ୍ ଅଞ୍ଚଳରେ ରହୁଥିବା ଏହି କେନ୍ଦ୍ରାପଡ଼ାରେ ପୁଲିସ ହାତବାନ୍ଧି ଚୁପ୍ ବସିବା ଘଟଣା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କଲାଣି । ଏ ନେଇ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର କହିଛନ୍ତି, ସରକାରଙ୍କ ସମସ୍ତ ନିୟମକୁ ଆମେ ମାନୁଛୁ । ଖୁବ୍‌ଶୀଘ୍ର ଅନୁପ୍ରବେଶକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ୧୦୯ ଦଫା ଦାବି ନେଇ ସିପିଆଇ ପକ୍ଷରୁ ଗଞ୍ଜାମ ବ୍ଲକ୍ ଘେରାଉ




**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାରଙ୍କ ନୀତି କାନ୍ତି, ନିୟମ ବହିର୍ଭୁତ, ଦୁଃଖୀ ରଙ୍କିଙ୍କ ଏ ସରକାର ପ୍ରଚାର ପ୍ରସାରରେ ଜୋର ଧରିଥିବା ବେଳେ କାମରେ ଢିଲା ହୋଇଥିବା ଆନ୍ଦୋଳନରତ କର୍ମୀମାନଙ୍କ ଠାରୁ ଗଞ୍ଜାମ ବ୍ଲକ୍ ଘେରାଉ ସମୟରେ ପ୍ରକାଶ କରିଛନ୍ତି । ଅନେକ ଥର ସ୍ମାରକ ପତ୍ର ଦିଆଯାଇଥିଲେ ମଧ୍ୟ ହଁ, ହାଁ, ହିରେ ସୀମିତ ରହୁଥିବା ଛତ୍ରପୁର ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ ମତପୋଷଣ କରିଥିଲେ । ପାର୍ଟି ପକ୍ଷରୁ ଫ୍ଲାକାର୍ଡ, ବେନେର, ସ୍ଲୋଗାନ ଶେଷରେ ସମବେତ ହୋଇ ଏକ ଦଶ ଦଫା ଦାବି ସ୍ମାରକ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ । ତତ୍ ସହିତ ଉପରୋକ୍ତ ଦାବି ପର୍ଯ୍ୟାୟକ୍ରମେ ପୂରଣ କରିବାପାଇଁ ପ୍ରଚେଷ୍ଟା ଜାରି ରଖିବି ବୋଲି ସନମତି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ କମ୍ୟୁନିଷ୍ଟ ନେତା ପୂର୍ଣ୍ଣ ରଥ, ଶିକ୍ଷକ ନେତା ନାରାୟଣ ନାୟକ, ଜୋନାଲ ସମ୍ପାଦକ ଦଣ୍ଡପାଣି ପାତ୍ର, ରମ୍ଭା ଶାଖା ସମ୍ପାଦକ ତଥା ୧୨ ନମ୍ବର କାଉନସିଲର କ୍ଷେତ୍ରମୋହନ ବେହେରା, ଲୋକନାଥ ପାତ୍ର, ଜେ. ଭାସ୍କର ପାତ୍ର, ଚକ୍ରପାଣି ରେଡ୍ଡୀ, ଟୁଲୁ ପାତ୍ର, ମିଲୁ ପାତ୍ର, ସହିତ ପୁଇଁତୋଳା ଶାଖାର ପୂର୍ଣ୍ଣ ପଲେଇ, ବିଦେଶୀ ବେହେରା, ସିମା ତରେଇ ସହିତ ଅନେକ ନେତା କର୍ମୀ ସାମିଲ ହୋଇଥିଲେ । ଦଶ ଦଫା ଦାବି ମଧ୍ୟରେ ପାଲୁର କେନାଲ ପୁନଃରୁଦ୍ଧାର / ଋଷିକୂଲ୍ୟା ନଦୀରୁ ବାଲି ଉଠାଣ ସମ୍ପୂର୍ଣ୍ଣ ବନ୍ଦ, ସାହେବ କେନାଲ ଓ ଖାରିନାଳ ପୁନଃରୁଦ୍ଧାର, ନିର୍ବାଚନ ପ୍ରତିଶ୍ରୁତି ବୃଦ୍ଧ/ବୃଦ୍ଧା ଭତ୍ତା ପ୍ରଦାନ କରାଯାଉ, ୩୦୦ ୟୁନିଟ୍ ବିଜୁଳି ମାଗଣାରେ ଯୋଗାଇବା ସହ ବିଜୁଳି କାଟ ଓ ସ୍ମାର୍ଟ ମିଟର ସମ୍ପୂର୍ଣ୍ଣ ବନ୍ଦ, ଅଚଳ ନଳକୂପ ସଚଳ କରାଯାଉ, ଗଞ୍ଜାମ ବ୍ଲକ୍‌ରେ ଉତ୍ପାଦିତ ପନିପରିବା ଓ ଫସଲ ସାରଂକ୍ଷିତ ରଖିବାପାଇଁ ଶୀତଳ ଭଣ୍ଡାର ନିର୍ମାଣ କରାଯାଉ, ଗ୍ରାସୀମ ଇଣ୍ଡଷ୍ଟ୍ରିଜରେ ସ୍ଥାନୀୟ ବେକାରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ପ୍ରଦାନ, ରମ୍ଭା ଓ ଗଞ୍ଜାମ ମେଡିକାଲ ପିଏଚସିରୁ ସିଏଚସି. କରିବା ସହ ଅଭାବ ଡାକ୍ତର ପୂରଣ କରାଯାଉ, ହୀରାଧାର ବାଟିଆକୁ ପୂର୍ଣ୍ଣରୁଦ୍ଧାର ଓ ସମ୍ପ୍ରସାରଣ କରାଯାଉ ।

# ମା' ଜିମିଧାରିଣୀ ମନ୍ଦିର ପ୍ରତିଷ୍ଠା ପାଇଁ ବେହେଡ଼ା ଚଳଚଞ୍ଚଳ

**ବେହେଡ଼ା, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲାର ଉମରକୋଟ ବେହେଡ଼ା ଅନ୍ତର୍ଗତ ଶିରାଗୁଡା ଠାରେ ମଙ୍ଗଳବାରରୁ ଆରମ୍ଭ ହୋଇ ଗୁରୁବାର ପର୍ଯ୍ୟନ୍ତ ହୋଇଥିଲା । ଏହି ଅଞ୍ଚଳରେ ଅଲେଖ ମହିମା ବହୁଳଭାବରେ ଲୋକଙ୍କୁ ପ୍ରଭାବିତ ଦେଖିବାକୁ ମିଳୁଛି । ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି, ଭକ୍ତମାନେ ଆସିବାରେ ଲାଗିଛନ୍ତି, କମିଟି ମଧ୍ୟ ବେଶ୍ ଉତ୍ସାହିତ ଅଛି । କମିଟି ସଭାପତି ବୀରନାଥ ଭତ୍ରା, ସମ୍ପାଦକ ରବୀନ୍ଦ୍ର ବାଗ, କୋଷାଧ୍ୟକ୍ଷ ଶୁକୁନାଥ ଗଣ୍ଡ, କମୁଲୁ, ଯୁଗଶାଇ, ସୁବାସ, ମଙ୍ଗଳ, କାର୍ତ୍ତିକ, ନିତ୍ୟା, ଚଞ୍ଚଳ, ଇନ୍ଦ୍ର, ରତନ, ରାଜୁ, ଲଛ, ସାମ୍ବାରୁ, ବୈକୁଣ୍ଠ, ଦୀନବନ୍ଧୁ, ଘାସି, ଲକି, ସହଦେବ, ଚନ୍ଦନ ଓ ଆଖ ପାଖରେ ସମସ୍ତେ ସ୍ୱଇଚ୍ଛାରେ ପୂର୍ଣ୍ଣ ସହଯୋଗ କରିଛନ୍ତି ବୋଲି କମିଟି କହିଛି ।

# ଝିଅର ମୁଣ୍ଡନ ପାଇଁ ଯାଇଥିଲେ, ବାଙ୍କେଶ୍ୱରୀ ଘାଟିରେ ଓଲଟିଲା ଅଟୋ : ୯ ଆହତ

**ଦିଗପହଣ୍ଡି**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ମା' ନିଜ ବାଙ୍କେଶ୍ୱରୀ ଘାଟି ରାସ୍ତାର ପିଲିକାଢିଅ ଗ୍ରାମ ନିକଟ ବୁଲାଣିରେ ଏକ ଦୁର୍ଘଟଣା ଘଟିଛି । ଭାରସାମ୍ୟ ହରାଇ ଏକ ଯାତ୍ରୀବାହୀ ଅଟୋ ମଙ୍ଗଳବାର ଅପରାହ୍ଣ ପ୍ରାୟ ୨ ଟାରେ ଓଲଟି ପଡ଼ିବାରୁ ୯ ଯାତ୍ରୀ ଆହତ ହୋଇଛନ୍ତି । ଆହତମାନେ ହେଲେ ସାନଖେମୁଣ୍ଡି ବ୍ଲକ ଖଲିଙ୍ଗି ଗ୍ରାମର ଭଗବାନ ପାଳ, ରଶ୍ମିତା ପାଳ, ପଙ୍କଜ ପାଳ, ଆଶିଷ ପାଳ, ପ୍ରୀୟାଂଶୁ ପାଳ, ସ୍ନେହା ପାଳ, କୃଷ୍ଣଚନ୍ଦ୍ର ପାଳ, ଓମ ବିଶାଳ ଏବଂ ଅଟୋ ଚାଳକ ବସନ୍ତ ସେଠୀ । ଖବରପାଇ ସାନଖେମୁଣ୍ଡି ଅଗ୍ନିଶମ ବାହିନୀ ଏବଂ ଆମ୍ବୁଲାନ୍ସ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ କିଛି ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ଜଣାପଡ଼ିଛି ।

ସୂଚନାନୁଯାୟୀ, ଭଗବାନଙ୍କ ଝିଅର ମୁଣ୍ଡନ କାର୍ଯ୍ୟ ପାଇଁ ପାଳ ପରିବାରର ସଦସ୍ୟ ସକାଳେ କେରାଣ୍ଡିମାଳ ପାହାଡ଼ ଉପରେ ଥିବା ମା' ନିଜ ବାଙ୍କେଶ୍ୱରୀ ମନ୍ଦିରକୁ ଯାଇଥିଲେ । ସେଠାରେ ଭୋଜି ଖାଇ ଫେରୁଥିବା ବେଳେ ଦୁର୍ଘଟଣା ଘଟିଛି ।



ସେହିପରି ଦିଗପହଣ୍ଡି – ବ୍ରହ୍ମପୁର ୧୭ ନଂ ରାଜ୍ୟରାଜପଥର ଗଣିଆ ନାଳ ଛକ ନିକଟ ମା' କୁରେଇଶୁଣି ମନ୍ଦିର ନିକଟରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ଯାତ୍ରୀବାହୀ ଅଟୋ ପଛକୁ ଏକ ବୋଲେରୋ ଗାଡ଼ି ଧକ୍କା ଦେବାରୁ ଅଟୋଟି ରାସ୍ତାକଡ଼ରେ ଥିବା ଏକ ଗଛ ସହ ପିଟି ହୋଇଯାଇଥିଲା । ସେଥିରେ ଥିବା ୮ ଜଣ ଆହାତ ହୋଇଥିଲେ । ସେମାନଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ଆହାତ ମାନଙ୍କ ପରିଚୟ ଜଣାପଡ଼ିନାହିଁ ।

# ସ୍ଲରୀ ପାଇପ୍‌ରେ ଖଣିଜ ପରିବହନକୁ ନେଇ ତୀବ୍ର ବିରୋଧ

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**




ପାଇପ୍ ଲାଇନ୍ ଯୋଗେ ଲୁହାପଥର ପରିବହନକୁ ବିରୋଧ କରି କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ, ଯୋଡ଼ା ଟ୍ରକ୍ ମାଲିକ ସଂଘ, ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ, ବଡ଼ବିଲ ଟ୍ରକ୍ ମାଲିକ ସଂଘ, ଗୁଆଲି ଟ୍ରକ୍ ମାଲିକ ସଂଘ, ଭଦ୍ରାସାହି ଟ୍ରକ୍ ମାଲିକ ସଂଘ ଦ୍ୱାରା ଗଠିତ କୋର୍ କମିଟିରେ ଥିବା ସଦସ୍ୟ ଓ ଟ୍ରକ୍ ମାଲିକମାନେ ମଙ୍ଗଳବାର ପୂର୍ବାହ୍ନରେ ନିର୍ମାଣାଧୀନ ସ୍ଲରୀ ପାଇପ୍ ଲାଇନ ବିଛା ଯାଉଥିବା ସ୍ଥାନଗୁଡ଼ିକରେ ଏବଂ ଏହି ପାଇପ୍ ଲାଇନ ପାଇଁ ଆବଶ୍ୟକ ଜଳର ଆପୂର୍ତ୍ତି ପାଇଁ ନିର୍ମାଣ ହେଉଥିବା କାନପୁର ଜଳସେଚନ ପ୍ରକଳ୍ପ ଜଳ ଭଣ୍ଡାର ନିକଟରେ ନିର୍ମାଣାଧୀନ ପମ୍ପ ହାଉସ୍‌କୁ ଯାଇ କାର୍ଯ୍ୟ ବନ୍ଦ କରିଥିଲେ । କେନ୍ଦୁଝର ଜିଲ୍ଲାର ସମସ୍ତ ଟ୍ରକ୍ ମାଲିକ ସଂଘକୁ ଗଠିତ କୋର କମିଟି ପକ୍ଷରୁ ପାଇପ୍ ଯୋଗେ ଲୁହାପଥର ପ୍ରବାହ ମାଧ୍ୟମରେ ପରିବହନକୁ ବିରୋଧ କରାଯାଇ ପାଇପ୍ ଖୋଳାଯାଉଥିବା ସ୍ଥାନଗୁଡ଼ିକରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମଙ୍ଗଳବାର ଦିନ ପୂର୍ବାହ୍ନ ୧୧ଟା ବେଳେ କୋର୍ କମିଟିର କର୍ମକର୍ତ୍ତାଙ୍କ ସହିତ ଶତାଧିକ ଟ୍ରକ୍ ମାଲିକ ସ୍ଲରୀ ପାଇପ୍ ଲାଇନ୍ ଖୋଳା ଯାଉଥିବା କଳାପାହାଡ଼ ଛକ ଠାରୁ କାନପୁର ବୃହତ୍ ଜଳ ସେଚନ ପ୍ରକଳ୍ପ ପର୍ଯ୍ୟନ୍ତ ସ୍ଥାନ ମାନଙ୍କରେ ହେଉଥିବା ପାଇପ ଲାଇନ୍ ଖୋଳା କାର୍ଯ୍ୟକୁ ତୀବ୍ର ବିରୋଧ କରି ପାଇପ ଖୋଳା କାର୍ଯ୍ୟକୁ ବନ୍ଦ କରିଛନ୍ତି । ଏହି ବିରୋଧରେ କୋର କମିଟିର କର୍ମକର୍ତ୍ତା ପଦ୍ମଲୋଚନ ସାହୁ, ପ୍ରଦୀପ କୁମାର ବାରିକ, ମାତା ପ୍ରସାଦ ଜୟସ୍ୱାଲ, ସୁଶାନ୍ତ ବାରିକ, ମନୋଜ କୁମାର ମହାନ୍ତ, ରାଜେନ୍ଦ୍ର ବାରିକ, ବିକାଶ ସରୋଗି, ଚନ୍ଦ୍ରଗୁପ୍ତ ପ୍ରସାଦ, କୁଶ ଆପଟ୍ଟ, ସୁନିଲ ଦତ୍ତ, ପୁରୁଷୋତ୍ତମ ବାରିକ, ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଶତାଧିକ ଟ୍ରକ୍ ମାଲିକ ବିରୋଧରେ ଅଂଶ ଗ୍ରହଣ କରିଥିଲେ । କୋର୍ କମିଟି ସଂଯୋଜକ ଦେବାଶିଷ ପଟ୍ଟନାୟକ କହିଥିଲେ ଯେ, ବହୁ ପ୍ରତିକ୍ଷୀତ କାନପୁର ଜଳସେଚନ ପ୍ରକଳ୍ପ ୪ ଦଶନ୍ଧି ଧରି ନିର୍ମାଣ ଚାଲିଛି । ଏହାର ରିଜର୍ଭର ପଏଣ୍ଟ ନିକଟରୁ ଇନଟେକ ୱେଲ ନିର୍ମାଣ କରି ଡ୍ୟାମ୍‌ର ଉପର ମୁଣ୍ଡରୁ ଏକାଧିକ ଶିଳ୍ପ ଓ ଖଣି କମ୍ପାନୀ ଶିଳ୍ପ ପାଇଁ ଜଳ ନେବେ । ବୈତରଣୀ ନଦୀର ଏହି ବୃହତ୍ ଜଳ ସେଚନ ପ୍ରକଳ୍ପ ଚାଷୀଙ୍କ ପାଇଁ ନା ଶିଳ୍ପ ପାଇଁ, ଏହାର ପ୍ରଶ୍ନ ଉଠାଇଥିଲେ । ରାଜ୍ୟର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁରରେ ଶିଳ୍ପକୁ ଜଳ ଯୋଗାଇଲେ ଚାଷୀଙ୍କ ଅବସ୍ଥା ଶୋଚନୀୟ ହେବ ଏବଂ ଲକ୍ଷାଧିକ ଚାଷୀ ନିର୍ଭର କରୁଥିବା କାନପୁର ଡ୍ୟାମ୍‌ର ପାଣି ଚାଷୀଙ୍କ ନିକଟକୁ ପହଞ୍ଚିବା ପୂର୍ବରୁ ଜଳ ସେଚନ ପ୍ରକଳ୍ପର ରିଜର୍ଭରରୁ ଦୁଇଟି ଶିଳ୍ପ ସଂସ୍ଥା ସ୍ଲରୀ ପାଇପ୍ ପାଇଁ ଜଳ ଶୋଷି ନେଉଛନ୍ତି । ଏହାଦ୍ୱାରା ଚାଷ ପ୍ରଭାବିତ ହେବା ସହିତ ଖଣି ଅଞ୍ଚଳର ମୁଖ୍ୟ ବେଉସା ସାଜିଥିବା ପରିବହନ ମଧ୍ୟ ପ୍ରଭାବିତ ହେବ ବୋଲି କୋର୍ କମିଟିର ସୁଶାନ୍ତ ବାରିକ ପ୍ରକାଶ କରିଛନ୍ତି । କମିଟିର ଅନ୍ୟତମ ସଦସ୍ୟ ତଥା କେନ୍ଦୁଝର ଜିଲ୍ଲା ଟ୍ରକ୍ ମାଲିକ ସଂଘ ସଭାପତି ପଦ୍ମଲୋଚନ ସାହୁ କହିଛନ୍ତି ଯେ, ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ଟ୍ରକ୍ ଓ ପରିବହନ ବ୍ୟବସାୟରେ ରାଜ୍ୟର ଦୁଇ ଲକ୍ଷ ଲୋକ ଜୀବନ ଜୀବିକା ନିର୍ବାହ କରୁଛନ୍ତି । ପାଇପ୍ ଲାଇନ୍ ଜରିଆରେ ଖଣିଜ ପରିବହନ ହେଲେ ଅଞ୍ଚଳରେ ବେକାର ସମସ୍ୟା ସହିତ ଉତ୍କଟ ଜଳାଭାବ ଦେଖା ଦେବ । ଏଥିରେ ସୁଧାର ଆଣିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରନ୍ତୁ ଏବଂ କେନ୍ଦୁଝର ସାଂସଦ ମଧ୍ୟ ଜାତୀୟ ସ୍ତରରେ ପ୍ରଶ୍ନ କରନ୍ତୁ ବୋଲି ପଦ୍ମଲୋଚନ ସାହୁ କହିଥିଲେ । ସୂଚନା ଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲା ଏକ ଖଣି ଖାଦାନ ପୂର୍ଣ୍ଣ ଜିଲ୍ଲା ହୋଇଥିବାରୁ ଜିଲ୍ଲାର ଶିକ୍ଷିତ ବେକାର ଯୁବକ ଯୁବତୀମାନେ ଟ୍ରକ୍ ଯୋଗେ ଲୁହ ପଥର ପରିବହନ ବ୍ୟବସାୟକୁ ନିଜର ମୁଖ୍ୟ ବ୍ୟବସାୟ ଭାବରେ ଗ୍ରହଣ କରି ନେଇଛନ୍ତି ଓ ଏହି ପରିବହନ ବ୍ୟବସାୟ କରି ଗାଡ଼ିର ବ୍ୟାଙ୍କ୍ ଋଣ ଶୁଝିବା ସହ ନିଜର ପରିବାର ପ୍ରତିପୋଷଣ କରି ଆସୁଛନ୍ତି । କେବଳ ଯେ ଗାଡ଼ିମାଲିକମାନେ ଏହି ବ୍ୟବସାୟରୁ ଉପକୃତ ହେଉଛନ୍ତି ତାହା ନୁହେଁ ବରଂ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଏହି ବ୍ୟବସାୟ ଉପରେ ଜିଲ୍ଲାର ସମସ୍ତ ବ୍ୟକ୍ତି ବିଶେଷ ନିର୍ଭରଶୀଳ । ଏହି ଟ୍ରକ୍ ପରିବହନ ବ୍ୟବସାୟ ଉପରେ ଜିଲ୍ଲାର ସମ୍ପୂର୍ଣ୍ଣ ଆର୍ଥିକ ସ୍ଥିତି ମଧ୍ୟ ନିର୍ଭର କରୁଛି । ପାଇପ୍ ଲାଇନରେ ଲୁହାପଥର ପରିବହନ ହେଲେ ଜିଲ୍ଲାରେ ଉତ୍କଟ ଜଳାଭାବ ଦେଖାଦେବ । ତେଣୁ ପାଇପ୍ ଲାଇନ୍ କାମକୁ ତୁରନ୍ତ ବନ୍ଦ ନକଲେ ଆଗାମୀ ଦିନରେ ଏହି ବିରୋଧକୁ ଜୋରଦାର କରାଯିବ ବୋଲି ଦୁଷ୍ମନ୍ତ କୁମାର ସେଠୀ, ସୟେବ ଖାନ, ରବୀନ୍ଦ୍ର ବାରିକ, ମୋନ ବାରିକ, ଗୋବିନ୍ଦ ଖିଲାର, ମହମ୍ମଦ ସାକିଲ, ମହମ୍ମଦ ଖୁର୍ଶିଦ୍, ନରେନ୍ଦ୍ର ଗିରି, ମନୋରଞ୍ଜନ ଦାସ ପ୍ରମୁଖ ଟ୍ରକ୍ ମାଲିକ କହିଛନ୍ତି । ସୂଚନାଯୋଗ୍ୟ ଯେ, ଗୋଟିଏ ପକ୍ଷରେ ଟ୍ରକ୍ ମାଲିକ ସ୍ଲରୀ ପାଇପ୍ ଲାଇନକୁ ବିରୋଧ କରୁଥିବା ବେଳେ ଗତ ୫ ଦିନ ଧରି ବୈତରଣୀ ନଦୀରେ ଜଳ ସଙ୍କଟ ଦେଖା ଦେଇଥିବାରୁ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଛି । ଚାଷୀମାନେ ଏହି ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ।

ଭୁବନେଶ୍ୱର
୧ ମଇ, ଗୁରୁବାର, ୨୦୨୫

RNI Regd. No. : 52640/94
Postal Regd. No. : BN/60/25-27

# ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ



ପୁରୀ, ୩୦/୪ ନ୍ୟୁଜ ବ୍ୟୁରୋ

ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଯାଇଛି। ଗ୍ରୀଷ୍ମତାପରୁ ରକ୍ଷା ପାଇବା ପାଇଁ ମଣିଷ ଯେପରି ଗାଧୋଇ ଟିକିଏ ଥଣ୍ଡା ଅନୁଭବ କରେ, ସେହିପରି ଶ୍ରୀଜୀଉ ମଧ୍ୟ ବୁଧବାରଠାରୁ ନରେନ୍ଦ୍ର ପୁଷ୍କରିଣୀକୁ ଆସିଛନ୍ତି ଚାପ ଖେଳିବା ପାଇଁ। ମଣି ବିମାନରେ ମଦନ ମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ନରେନ୍ଦ୍ର ପୁଷ୍କରିଣୀକୁ ଆଣିଛନ୍ତି ସେବାୟତ। ରାମକୃଷ୍ଣଙ୍କ ସହ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ମଧ୍ୟ ବିଜେ କରିଛନ୍ତି। ଚନ୍ଦନ ଯାତ୍ରା ପାଇଁ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡ଼ା ଓ ମନ୍ଦିରକୁ ଆଲୋକ ମାଳାରେ ସଜା ଯାଇଛି। ଶ୍ରୀକ୍ଷେତ୍ରରେ ଏହି ବିଶେଷ ପର୍ବପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବେଳେ ଭଗବାନଙ୍କ ଦର୍ଶନ ପାଇଁ ଲୋକାରଣ୍ୟ ହୋଇଉଠିଛି ପୁରୀ।



ଭୁବନେଶ୍ୱର : ଚନ୍ଦନ ଯାତ୍ରା ଅବସରରେ ପବିତ୍ର ବିନ୍ଦୁସାଗର ପୁଷ୍କରିଣୀରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚାପ ଖେଳ ଆରମ୍ଭ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ଜୟଦେବ ଜୟନ୍ତୀ ପାଳନ ଅବସରରେ ଜୟଦେବ ଭବନରେ 'ଗୀତ ଗୋବିନ୍ଦ'ର ରଚୟିତା କବି ଜୟଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। (ଫଟୋ : ସମ୍ବାଦ କଳିକା)

# ସରକାର ଦେଶ ବିରୋଧୀଙ୍କ ବିରୁଦ୍ଧରେ ସ୍ପାଏୟାର ବ୍ୟବହାର ଭୁଲ୍ ନୁହେଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୩୦/୪

ପେଗାସସ୍ ସ୍ପାଏୟାର ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ଯଦି ସରକାର ଦେଶ ବିରୋଧୀ ତତ୍ତ୍ୱଙ୍କ ବିରୁଦ୍ଧରେ ସ୍ପାଏୟାର ବ୍ୟବହାର କରୁଛନ୍ତି, ତେବେ ଏଥିରେ କିଛି ଭୁଲ ନାହିଁ। ଏହା ସହିତ କୋର୍ଟ ପେଗାସସ୍ ସମ୍ବନ୍ଧୀୟ ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିବାକୁ ମଧ୍ୟ ମନା କରି ଦେଇଛନ୍ତି।



ଏହି ମାମଲାର ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଛନ୍ତି, ସ୍ପାଏୟାର ବ୍ୟବହାର ନିଜେ ଭୁଲ ନୁହେଁ, ପ୍ରଶ୍ନ ହେଉଛି ଏହା କାହା ବିରୁଦ୍ଧରେ ବ୍ୟବହାର କରାଯାଉଛି। ଦେଶର ସୁରକ୍ଷା ସର୍ବୋପରି ଏବଂ ଏହାକୁ ବଳିଦାନ କରାଯାଇପାରିବ ନାହିଁ। କୋର୍ଟ ଆହୁରି କହିଛନ୍ତି ଯେ ଏଭଳି ସମ୍ବେଦନଶୀଳ ବିଷୟ ଉପରେ ରାଜପଥରେ ଆଲୋଚନା କରା ଯାଇପାରିବ ନାହିଁ।

ପେଗାସସ୍ ସ୍ପାଏୟାର, ଯାହା ଇସ୍ରାଏଲର ଏନଏସଓ ଗ୍ରୁପ୍ ଦ୍ୱାରା ବିକଶିତ, ସାମ୍ପ୍ରତିକ ବର୍ଷଗୁଡ଼ିକରେ ବିବାଦ ରହିଛି। ଅଭିଯୋଗ ହୋଇଥିଲା ଯେ ଭାରତ ସରକାର ଏହି ସ୍ପାଏୟାର ମାଧ୍ୟମରେ ରାଜନେତା, ସାମ୍ବାଦିକ ଏବଂ ଅନ୍ୟ ବ୍ୟକ୍ତିଙ୍କ ଉପରେ ନଜର ରଖିଥିଲେ। ଏହି ମାମଲା ୨୦୨୧ରେ ସୁପ୍ରିମକୋର୍ଟରେ ଉଠିଥିଲା ଏବଂ କୋର୍ଟ ଏକ ବିଶେଷଜ୍ଞ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

ତେବେ ସୁପ୍ରିମକୋର୍ଟଙ୍କ ଏହି ବିବୃତି ବିରୋଧୀ ଦଳମାନଙ୍କ ପାଇଁ ଏକ ବଡ଼ ଝଟକା ବୋଲି ବିବେଚନା କରାଯାଉଛି। ବିରୋଧୀ ନେତାମାନେ ଅଭିଯୋଗ କରିଥିଲେ ଯେ ସରକାର ଏହି ସ୍ପାଏୟାରର ଅପବ୍ୟବହାର କରି ବିରୋଧୀ ଏବଂ ସମାଲୋଚକଙ୍କ ଉପରେ ନଜର ରଖୁଛନ୍ତି। କିନ୍ତୁ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ସରକାରଙ୍କ ଦୃଷ୍ଟିକୋଣକୁ ସମର୍ଥନ କରିଥିବା ଜଣାପଡ଼ିଛି।

ଅନ୍ୟପଟେ, କୋର୍ଟଙ୍କ ଏହି ନିଷ୍ପତ୍ତି ସାଧାରଣ ଜନତା ଏବଂ ସୋସିଆଲ ମିଡିଆରେ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଛି। କେହି କେହି ଏହାକୁ ଦେଶର ସୁରକ୍ଷା ପାଇଁ ଆବଶ୍ୟକ ବୋଲି କହୁଥିବା ବେଳେ, ଅନ୍ୟମାନେ ଗୋପନୀୟତା ଅଧିକାର ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ମାମଲା ଆଗାମୀ ଦିନରେ ଆହୁରି ଆଲୋଚନା ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

# ଅକ୍ଷିମୁଠି ଅନୁକୂଳ କଲେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ବିଲରେ ହଳ କଲେ ମନ୍ତ୍ରୀ ବିଭୂତିଭୂଷଣ ଜେନା

ବ୍ରହ୍ମପୁର, ୩୦/୪
ନ୍ୟୁଜ ବ୍ୟୁରୋ

ପବିତ୍ର ଅକ୍ଷୟ ତୃତୀୟା ଦିନ ଅକ୍ଷିମୁଠି ଅନୁକୂଳ କରାଯିବାର ପରମ୍ପରା ରହିଛି। ବୁଧବାର ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋଳନ୍ଥରା ଗ୍ରାମର କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା କୃଷକ କାର୍ଯ୍ୟକ୍ରମରେ ଯୋଗ ଦେଇ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଏହି ଅବସରରେ ଇସ୍ପାତ, ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା ମଧ୍ୟ ଉପସ୍ଥିତ ଥିଲେ। ସେ ସେଠାରେ ଜମିରେ ହଳଲଙ୍ଗଳ ଧରି ହଳ କରିଥିଲେ। ସେ କହିଛନ୍ତି, ଅକ୍ଷୟ



ତୃତୀୟା ଦିନକୁ ଚାଷୀ ଅପେକ୍ଷା କରିଥାନ୍ତି। ମୁଁ ବି ଜଣେ ଚାଷୀ। ବହୁଦିନ ପରେ ମୋତେ ହଳ କରିବାର ସୁଯୋଗ ମିଳିଛି। ଏହି ଅବସରରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗର ପ୍ରକଳ୍ପଗୁଡ଼ିକ କାର୍ଯ୍ୟାନ୍ୱୟନ ଓ ତା'ର ସଫଳତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

# ମହିଳା ସଶକ୍ତୀକରଣ ଆମ ସରକାରଙ୍କ ଏକ ଆନ୍ଦୋଳନ ଓ ସଂକଳ୍ପ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୦/୪
ନ୍ୟୁଜ ବ୍ୟୁରୋ

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଦ୍ୱାରା ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ 'ଇନ୍‌ୱେକ୍ ଓମେନ୍ ବିଜନେସ୍' ମେଳାର ୧୦୦ ବର୍ଷ ପୂର୍ତ୍ତି ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ମେଳାକୁ, 'ନାରୀ ଶକ୍ତିର ମହୋତ୍ସବ' ବୋଲି କହିବା ସହିତ ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖିବା ଆବଶ୍ୟକ ବୋଲି କହିଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ, ଇନ୍‌ୱେକ୍ ଓମେନ୍ ବିଜନେସ୍ ମେଳା କେବଳ ଓଡ଼ିଶା ନୁହେଁ ବରଂ ସାରା ଭାରତର ମହିଳାମାନଙ୍କ ପାଇଁ ଉଦ୍ୟୋଗୀ ହେବା ପାଇଁ ପ୍ରେରଣା ପ୍ରଦାନ କରିବ। ଆମେ ନିକଟରେ, ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ, ସୁଭଦ୍ରା ଶକ୍ତି ମେଳା ଆୟୋଜନ କରିଥିଲୁ ଏବଂ ସେଥିରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଆଉ ଆଜି ଆମେ ଏହି ମେଳାରେ ସେହି ବାସ୍ତବିକତାକୁ ଦେଖୁଛୁ। ଅର୍ଥନୀତି କ୍ଷେତ୍ରରେ ମହିଳାମାନଙ୍କ ଯୋଗଦାନ ରହିଛି ଏବଂ ସୁଭଦ୍ରା ଯୋଜନା ଓ ଲକ୍ଷପତି ଦିଦି ଯୋଜନାର ସଫଳତା ହିଁ ଏହାର ଜ୍ୱଳନ୍ତ ଉଦାହରଣ।

ଆମ ସରକାର ପାଇଁ ମହିଳା ସଶକ୍ତୀକରଣ କେବଳ ଏକ ସ୍ଲୋଗାନ୍ ନୁହେଁ, ଏହା ଏକ ଆନ୍ଦୋଳନ, ଏକ ସଂକଳ୍ପ। ଓଡ଼ିଶାର ପ୍ରତିଟି ମହିଳା ନିଜ ଲାଗି ସ୍ୱପ୍ନ ଦେଖି ତାକୁ ସାକାର କରିବା ଏବଂ ଆତ୍ମବିଶ୍ୱାସର ସହ ନେତୃତ୍ୱ ଦେବା ପାଇଁ ଆଗେଇ ଆସିବା ଅତ୍ୟନ୍ତ ଆନନ୍ଦର ବିଷୟ। ଯେତେବେଳେ ମହିଳାମାନେ ଉନ୍ନତି କରନ୍ତି, ସମାଜ ସମୃଦ୍ଧ ହୁଏ ଏବଂ ଅର୍ଥନୀତି ବିକଶିତ ହୁଏ। ଆମ ମା', ଭଉଣୀ ଓ ଝିଅମାନଙ୍କର ସମାନ ଭାଗୀଦାରୀ ବିନା ଓଡ଼ିଶାର ପ୍ରଗତି ଅସମ୍ପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ। ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ କରିବାରେ ମହିଳା ମାନେ ହେବେ ଶ୍ରେଷ୍ଠ ଭାଗୀଦାର ଏବଂ ଆମ ସରକାର ଏଥି ପାଇଁ ପୁରା ସମର୍ଥନ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏହି ସମାବେଶ ଓଡ଼ିଆ ମହିଳା ଉଦ୍ୟୋଗୀଙ୍କୁ ଆହୁରି ଉତ୍ସାହିତ କରିବା ସହ ଆର୍ଥିକ ସ୍ୱାଧୀନତା ପାଇଁ ଭବିଷ୍ୟତର ରାସ୍ତା ଖୋଲିବ। ଓଡ଼ିଶା ବିକାଶରେ ମହିଳା ଉଦ୍ୟୋଗୀ ମାନେ ହିଁ ଏକ ସମୃଦ୍ଧ ପରିବର୍ତ୍ତନର ସ୍ୱର।

ଏହି ଅବସରରେ ଶିଳ୍ପ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା କହିଥିଲେ ଯେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟକୁ ସଫଳତାର ରୂପାୟନ ଦେଇ ମହିଳାମାନେ ଆଜି ପାରମ୍ପରିକ ଉଦ୍ୟୋଗ ସହିତ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସଶକ୍ତ ହେଉଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଚେୟାରପର୍ସନରାଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଇନ୍‌ୱେକ୍‌ର କୋ-କନଭେନର ସ୍ୱାତୀ କେଜରିୱାଲ, ଆଇସିସି ଭାଇସ ଚେୟାରପର୍ସନ ପ୍ରୀତି ପଲ୍ଲବୀ ପଟ୍ଟନାୟକ, କନଭେନର ଧର୍ମାଦିତ୍ୟ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।



ଭୁବନେଶ୍ୱର : ଜୟଦେବ ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଜୟଦେବ ଜୟନ୍ତୀ ପାଳନ ଅବସରରେ ଜୟଦେବଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଦେବ ପ୍ରସାଦ ଦାଶ। (ଫଟୋ : ସମ୍ବାଦ କଳିକା)




ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ପରିସରରେ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଆୟୋଜିତ ଅକ୍ଷୟ ତୃତୀୟା ପୁରସ୍କାର ପ୍ରଦାନ ଉତ୍ସବରେ "ନନ୍ଦିଘୋଷ" ସମ୍ମାନରେ ଜୀବାନନ୍ଦ ମିଶ୍ର, ଶ୍ରୀସୁଦର୍ଶନ ସମ୍ମାନରେ ତନୟା ପଟ୍ଟନାୟକ, ଶ୍ରୀବଳଭଦ୍ର ସମ୍ମାନରେ ଡ.କୈଳାସ ଚନ୍ଦ୍ର ଦାସ ଏବଂ ଶ୍ରୀଜଗନ୍ନାଥ ସମ୍ମାନରେ ଡଃ ଜୟକୃଷ୍ଣ ମିଶ୍ରଙ୍କୁ ସମ୍ମାନିତ କରୁଛନ୍ତି ମୁଖ୍ୟଅତିଥି ରଞ୍ଜନ କୁମାର ଦାସ, ମୁଖ୍ୟବକ୍ତା ବ୍ରଜକିଶୋର ସ୍ୱାଇଁ, ସମ୍ମାନିତ ବକ୍ତା ଡଃ ସୁଧା ସ୍ୱାଇଁ ଏବଂ ସମ୍ମାନିତ ଅତିଥି ବଳଦେବ ମହାରଥି। (ଫଟୋ : ସମ୍ବାଦ କଳିକା)

# 'ଦୀଘା ଶ୍ରୀଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିପାରିବେ ସବୁ ଧର୍ମର ଲୋକ' : ମମତା

କୋଲକାତା, ୩୦/୪

ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲା ଦୀଘାରେ ଭବ୍ୟ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେଲା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ପବିତ୍ର ଅକ୍ଷୟ ତୃତୀୟ ଅବସରରେ ଉଦ୍‌ଘାଟନ କରିଛନ୍ତି। ମନ୍ଦିର ପ୍ରତିଷ୍ଠା ହେଲା ପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପୂଜାର୍ଚ୍ଚନା କରିଛନ୍ତି। ସମୁଦ୍ର ଉପକୂଳବର୍ତ୍ତୀ ସହର ଦୀଘାରେ ନିର୍ମିତ ଏହି ଭବ୍ୟ ମନ୍ଦିରରେ ସବୁ ଧର୍ମର ଲୋକେ ପ୍ରବେଶ କରିପାରିବେ ବୋଲି କୁହାଯାଇଛି। ଅର୍ଥାତ ହିନ୍ଦୁଧର୍ମର ମନ୍ଦିରଗୁଡ଼ିକରେ ମୁଖ୍ୟତଃ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ବାରଣ ଥିବା ବେଳେ ଦୀଘା ଶ୍ରୀଜଗନ୍ନାଥ ମନ୍ଦିରରେ ଏସବୁ କଟକଣା ନାହିଁ ବୋଲି କୁହାଯାଉଛି। ଦୀଘା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗତ ୨୫ ତାରିଖ ଠାରୁ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମଗୁଡ଼ିକ ଆରମ୍ଭ ହୋଇଯାଇଥିଲା।



ସମ୍ପାଦକୀୟ
ପୃଷ୍ଠା-୪
ଏବେ ସୁଫଳ ମିଳୁଛି
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା

୪ ଓଡ଼ିଆଙ୍କ ସମେତ ୭୧ ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କଲେ ରାଷ୍ଟ୍ରପତି

ପାକିସ୍ତାନ ନାଗରିକଙ୍କୁ ଭାରତ ଛାଡ଼ିବା ପାଇଁ ଶେଷ ହେଲା ସମୟସୀମା

ଜାମ୍ମୁ-କାଶ୍ମୀରରେ ୪୮ଟି ପର୍ଯ୍ୟଟନସ୍ଥଳୀ ବନ୍ଦ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜଧାନୀରେ ସିଲିଗୁଡ଼ି ଓ ଦାର୍ଜିଲିଂର ମାଟିପାତ୍ର ଚାହିଦା ବଢୁଛି

ଭୁବନେଶ୍ୱର, ୩୦/୪
ନ୍ୟୁଜ ବ୍ୟୁରୋ

ମାଟିପାତ୍ର ତିଆରି କରିବା ପାଇଁ ଆମ ରାଜ୍ୟରେ କାରିଗରଙ୍କର ଅଭାବ ନାହିଁ। ହେଲେ ମାଟି ଓ ଜାଳେଣିର ଅଭାବ କାରଣରୁ କୁମ୍ଭାର ପରିବାର ଏଥିପ୍ରତି ମୁହଁ ଫେରାଉଛନ୍ତି। ଫଳରେ ରାଜଧନୀରେ ଆସ୍ଥାନ ଜମାଇଛି ସିଲିଗୁଡ଼ି, ଦାର୍ଜିଲିଂ, ଅହମ୍ମଦାବାଦ୍, ରାଜସ୍ଥାନରୁ ଆସୁଥିବା ମାଟିପାତ୍ର। ବାହାର ରାଜ୍ୟର ମାଟିପାତ୍ର ବଜାରରେ ଭଲ ଆଦର ପାଉଛି। ଏପଟେ ରାଜ୍ୟର କୁମ୍ଭାର ପରିବାର ନିରାଶ ହେଉଛି। କିଛି କୁମ୍ଭାର ପରିବାରଙ୍କ ଘରେ ଆଉ ସେ ଚକ ଦେଖିବାକୁ ମିଳୁନି। ବର୍ତ୍ତମାନ ଖରାଦିନ ଚାଲିଥିବାରୁ ମାଟିପାତ୍ରର ଚାହିଦା ବଢ଼ିଯାଇଛି। ମାଟିପାତ୍ରରେ ପାଣି ଥଣ୍ଡା ରହିବା ସହିତ ସ୍ୱାସ୍ଥ୍ୟକର ହୋଇଥିବାରୁ ଲୋକମାନେ ମାଠିଆ, ମାଟି ଫିଲଟର ଆଦି ବହୁ ମାତ୍ରାରେ କିଣୁଛନ୍ତି। ରାଜଧାନୀର ବିଭିନ୍ନ ଛକ, ରାସ୍ତା କଡ଼ ଏବଂ ହାଟରେ ଏହି ପାତ୍ର ବିକ୍ରିହେଉଛି। ବାହାର ରାଜ୍ୟରୁ ଆସୁଥିବା ପାତ୍ରଗୁଡ଼ିକରେ ରଙ୍ଗିନ୍ ଚିତ୍ର ଥିବା ସହିତ ବେଶ୍ ଚିକ୍କଣ ରହୁଛି। ଏହା ଖୁବ୍ ଅକର୍ଷଣୀୟ ଦେଖାଯାଉଥିବାରୁ ଲୋକମାନେ ମଧ୍ୟ ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କେବଳ ପାଣି ରଖିବା ପାତ୍ର ନୁହେଁ, ତା ସହିତ ମାଟିରେ ତିଆରି ପ୍ରେସର କୁକର, କଡ଼େଇ, ଥାଳି, ଗିନା, ପିଠା ପାତିଆ ଭଳି ବିଭିନ୍ନ ପ୍ରକାର ପାତ୍ର ଦେଖାଯାଉଛି। ମାଟି ଫିଲଟର ଓ ମାଠିଆ ୫ ଲିଟରରୁ ଆରମ୍ଭକରି କରି ୨୦ ଲିଟର ପର୍ଯ୍ୟନ୍ତ ରହୁଛି। ଯାହାର ମୂଲ୍ୟ ୨୦୦ ଟଙ୍କାରୁ ଆରମ୍ଭ। ସେହିପରି ମାଟି ପାଣି ବୋତଲର ମୂଲ୍ୟ ୧୦୦



ଟଙ୍କା, କଡ଼େଇ ୮୦ ଟଙ୍କା, ପିଠା ପାତିଆ ୫୦ ଟଙ୍କା, ଗିନା ୬୦ ଟଙ୍କା ରହୁଛି। ଖୁବ୍ କମ୍ ସ୍ଥାନରେ ଆମ ରାଜ୍ୟର କାରିଗରଙ୍କର ସାମଗ୍ରୀ ବିକ୍ରି ହେଉଛି। ହେଲେ ଲୋକମାନଙ୍କର ଆଦର ବାହାର ରାଜ୍ୟର ସାମଗ୍ରୀରେ ରହୁଛି। କୁମ୍ଭାରସାହିର ବେପାରୀ ଆଶିଷ ରାଉତ କୁହନ୍ତି, ମାଟି ପାତ୍ର ତିଆରି କରିବା ପାଇଁ ସବୁଠି ମାଟି ସମସ୍ୟା ଦେଖାଯାଉଛି। ବିଶେଷକରି ଭୁବନେଶ୍ୱରରେ ମାଟିର ଅଭାବ ଅଧିକ ରହୁଛି। ପୂର୍ବରୁ ଯେଉଁ ମାଟିକୁ ଆମେ ୧୦୦୦ ଟଙ୍କା ଓ ୧୨୦୦ ଟଙ୍କା ଟ୍ରିପ୍‌ରେ କିଣୁଥିଲୁ ବର୍ତ୍ତମାନ ତାହା ଏବେ ସାଢ଼େ ୪ ହଜାରରୁ ୫୨୦୦ ଟଙ୍କା ହୋଇଗଲାଣି। ମାଟି କିଣି ତିଆରି କରି ବିକିଲା ବେଳକୁ ଭଲ ଲାଭ ମିଳୁନି। ତା' ଅପେକ୍ଷା ମାଟିପାତ୍ର କିଣି ବିକିଲେ ଲାଭ ଅଧିକା ରହୁଛି। ସେଥିପାଇଁ ମାଟିସାମଗ୍ରୀ ତିଆରିକରିବା ଛାଡ଼ିଦେଇଛୁ। ବିଶେଷକରି ସିଲିଗୁଡ଼ି, ଦାର୍ଜିଲିଂ, ରାଜସ୍ଥାନ, ଅହମଦାବାଦ୍ ଭଳି ବାହାର ସ୍ଥାନରୁ ମାଟିପାତ୍ରଗୁଡ଼ିକ ଆମଦାନୀ ହେଉଥିବା ବେଳେ ଓଡ଼ିଶାର ସୋନପୁର, ନୟାଗଡ଼, ବାରଙ୍ଗରୁ ଆସୁଛି। ବାହାର ରାଜ୍ୟରୁ ଆସୁଥିବା ପାତ୍ରଗୁଡ଼ିକ ଆଖିକୁ ସୁନ୍ଦର ଓ ଚିକ୍କଣ ଦେଖାଯାଉଥିବାରୁ ଲୋକମାନଙ୍କର ଆଦର ଅଧିକ ରହୁଛି। କିନ୍ତୁ ଆମ କୁମ୍ଭକାର ଦ୍ୱାରା ପ୍ରସ୍ତୁତ ମାଠିଆ ପାଣି ଅଧିକ ଥଣ୍ଡା ରହୁଛି। ଅନେକ କୁମ୍ଭାର ପରିବାର ଦୁଃଖ ପ୍ରକାଶ କରି କହିଛନ୍ତି, ରାଜ୍ୟରେ କୁମ୍ଭାରମାନଙ୍କ ବୃତ୍ତି ବଞ୍ଚାଇବା ତଥା ତାଙ୍କ ଦକ୍ଷତାର ବିକାଶ ଦିଗରେ କୌଣସି କାମ କରାଯାଉ ନାହିଁ। ଫଳରେ ଅନ୍ୟ ରାଜ୍ୟର କାରିଗର ଓ ଶିଳ୍ପୀମାନଙ୍କ ତୁଳନାରେ ଆମେ ବହୁତ ପଛରେ ପଡ଼ିଯାଇଛୁ। ଏପରିକି ନିଜ କୌଳିକ ବୃତ୍ତି ବଦଳାଇବାକୁ ବାଧ୍ୟ ହେଉଛୁ। ଯେଉଁ ମାଟିପତ୍ରଗୁଡ଼ିକ ବାହାର ରାଜ୍ୟରୁ ଆସୁଛି ଏଠି ସେଗୁଡ଼ିକ ତିଆରି ହେଲେ ତାହାର ମୂଲ୍ୟ କମିଯିବ। ଲୋକମାନେ ଶସ୍ତାରେ ପାଇପାରିବେ। ଆମ କାରିଗରମାନେ ବି ଏଥିରୁ ଉପକୃତ ହେବେ।